RNI No.OIOI/2010/33031
୧୭ ବର୍ଷ Volume-17
ISSUE -12 ସଂଖ୍ୟା-୧୨
ଭୁବନେଶ୍ୱର, ମଙ୍ଗଳବାର ୧୭ ମାର୍ଚ୍ଚ ୨୦୨୬
Bhubaneswar, Tuesay 17 March, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.oishamanthan.com

MANTHAN
ମନ୍ଥନ
www.oishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

ବାଜି ମାରିନେଲେ ଦିଲ୍ଲୀପ, ବିଜେପିର ମନମୋହନ-ସୁଜିତ୍ ଓ ବିଜେଡିର ସନ୍ତୃପ୍ତ ବି ଜିତିଲେ

ଭୁବନେଶ୍ୱର,୧୬ମାର୍ଚ୍ଚ(ନି.ପ୍ର.): ରାଜ୍ୟସଭା ନିର୍ବାଚନକୁ ନେଇ ଯାହା ଚର୍ଚ୍ଚା ହେଉଥିଲା ତାହା ସତ ପ୍ରମାଣିତ ହୋଇଛି । ବିଜେଡି ଓ କଂଗ୍ରେସ ମେଂଟକୁ ଶକ୍ତଝଟକା ଦେଇ ବିଜେପି ସମର୍ଥିତ ଦିଲ୍ଲୀପ ରାୟ ୩୪୧୮ ଭୋଟରେ ବିଜୟୀ ଲାଭ କରିଛନ୍ତି । ସେହିପରି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ସୁଜିତ୍ କୁମାର ୩୫୦୦ଲେଖାଏଁ ପ୍ରଥମ ପସନ୍ଦ ଭୋଟ୍ ପାଇଁ ଜିତିଥିବାବେଳେ ବିଜେଡିର ସନ୍ତୃପ୍ତ ମିଶ୍ର ମଧ୍ୟ ୩୧୦୦ଭୋଟରେ ବିଜୟୀ ହୋଇଛନ୍ତି ।

ଦୀର୍ଘ ଦଶନ୍ଧି ପରେ ରାଜ୍ୟସଭା ନିର୍ବାଚନରେ ବିଜେଡି ଓ କଂଗ୍ରେସର ୧୧ଜଣ ବିଧାୟକ କ୍ରସଭୋଟିଂ କରି ଦିଲ୍ଲୀପଙ୍କ ଜିତିବା ମାର୍ଗ ପ୍ରଶସ୍ତ କରି ଇତିହାସର ପୁନରାବୃତ୍ତି କରାଇଛନ୍ତି । ବିଜେପି ନିଜର ଦୁଇ ପ୍ରାର୍ଥୀ ମନମୋହନ ଓ ସୁଜିତଙ୍କ ସପକ୍ଷରେ ଜିତିବା ପାଇଁ ଆବଶ୍ୟକ(୨୯୪୧ ଭୋଟ)ଠୁର ଅଧିକ ଭୋଟ୍ ପକାଇ ମଧ୍ୟ ଦିଲ୍ଲୀପ ରାୟ ବିରୋଧୀଙ୍କ କ୍ରସଭୋଟିଂ ସହାୟତାରେ ଏହି ନିର୍ବାଚନ ବାଜି ଜିଣିବାରେ ସକ୍ଷମ ହୋଇଛନ୍ତି ।

ବିଧାନସଭା ସୂତ୍ରରୁ ଜଣାପଡିଛି ଯେ,୪ଟି ରାଜ୍ୟସଭା ଆସନ ପାଇଁ ୫ଜଣ ପ୍ରାର୍ଥୀ ଥିବାରୁ ଆଜି ମତଦାନ ହୋଇଥିଲା । ସମସ୍ତ ୧୪୭ ବିଧାୟକ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିଛନ୍ତି । ରାଜ୍ୟସଭା ନିର୍ବାଚନ ଗଣିତ ଅନୁସାରେ ପ୍ରତ୍ୟେକ ବିଧାୟକଙ୍କର ଭୋଟ୍ ମୂଲ୍ୟ ୧୦୦ ହୋଇଥିବାବେଳେ ଜଣେ ପ୍ରାର୍ଥୀ ଜିତିବା ନିମନ୍ତେ ପ୍ରଥମ ପସନ୍ଦର ୨୯୪୧ (୩୦ ବିଧାୟକଙ୍କ ସମର୍ଥନ) ଆବଶ୍ୟକ ।

ତେବେ ପ୍ରଥମ ପସନ୍ଦର ଭୋଟ ଭାବେ ବିଜେପିର ମନମୋହନ ସାମଲଙ୍କୁ ୩୫୦୦(ଅର୍ଥାତ୍ ୩୫ଜଣ ବିଧାୟକଙ୍କ ଭୋଟ) ଓ ସୁଜିତ୍ କୁମାରଙ୍କୁ ୩୫୦୦ ମିଳିଥିବାବେଳେ ବିଜେଡିର ସନ୍ତୃପ୍ତ ମିଶ୍ରଙ୍କୁ ୩୧୦୦(୩୧ଜଣ ବିଧାୟକଙ୍କ ଭୋଟ) ମିଳିଛି । ସେହିପରି ବିଜେଡି-କଂଗ୍ରେସ-ସିପିଆଇଏମ୍ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ୨୩୦୦ ଓ ବିଜେପି ସମର୍ଥିତ ଦିଲ୍ଲୀପ ରାୟଙ୍କୁ ୨୩୦୦ ମିଳିଥିଲା ।

ତେବେ ଦ୍ୱିତୀୟ ପସନ୍ଦର ଭୋଟ ହିଁ ଦିଲ୍ଲୀପଙ୍କୁ ବୃହତ୍ ବିଜୟ ଆଡକୁ ନେଇଯାଇଥିଲା । ଦ୍ୱିତୀୟ ପସନ୍ଦର ଭୋଟ ଭାବେ ଦିଲ୍ଲୀପଙ୍କ ସପକ୍ଷରେ ଭୋଟ୍ ୧୧୧୮ ମିଳିବା ପରେ ତାଙ୍କର ମୋଟ୍ ଭୋଟ୍୩୪୧୮ ହୋଇଥିଲା । ଆଉ ଡାକ୍ତର ହୋତାଙ୍କୁ ବାଜିମାତ୍ କରି ସେ ବିଜୟୀ ଲାଭ କରିଛନ୍ତି । ତେବେ ଦିଲ୍ଲୀପଙ୍କ ଜିତିବାରେ ବିଜେଡିର ୮ ଓ କଂଗ୍ରେସର ୩ ବିଧାୟକଙ୍କ କ୍ରସଭୋଟିଂ ସହାୟକ ହୋଇଛି ।

ବିଜେପିନିଜର ଯୁଇ ପ୍ରର୍ଥୀ ମନମୋହନ ସାମଲ ଓ ସୁଜିତ କୁମାରଙ୍କୁ ପ୍ରଥମ ପସନ୍ଦର ୭୦ଜଣ ବିଧାୟକଙ୍କ ଭୋଟ୍ ଦେଇଦେବା ପରେ ଦିଲ୍ଲୀପଙ୍କ ସପକ୍ଷରେ ମାତ୍ର ୧୨ଜଣ ବିଧାୟକଙ୍କ ପ୍ରଥମ ପସନ୍ଦ ଭୋଟ୍ ରହିଥିଲା । ଆଉ ବିଜେଡି ଓ କଂଗ୍ରେସର ୧୧ଜଣ ବିଧାୟକଙ୍କ ପ୍ରଥମ ପସନ୍ଦ ଭୋଟରେ ଦିଲ୍ଲୀପଙ୍କୁ ପ୍ରଥମ ପସନ୍ଦ ଭୋଟ୍ ୨୩୦୦(୨୩ବିଧାୟକଙ୍କ ଭୋଟ) ମିଳିଥିଲେ ମଧ୍ୟ ଦ୍ୱିତୀୟ ପସନ୍ଦର ଭୋଟଗୁଡିକ ଦିଲ୍ଲୀପଙ୍କ ପାଖକୁ ଚାଲିଯାଇଥିବାରୁ ସେ ସହଜରେ ୩୪୧୮ ଭୋଟ୍ ପାଇ ବିଜୟୀ ହୋଇଥିବା ଜଣାପଡିଛି ।

ବିଜେଡି ଓ କଂଗ୍ରେସର ମୋଟ ୧୧ଜଣ ବିଧାୟକ କ୍ରସଭୋଟିଂ କରିବିଜେପି ସମର୍ଥିତ ସ୍ୱାଧୀନ ପ୍ରର୍ଥୀ ଦିଲ୍ଲୀପ ରାୟଙ୍କୁ ପ୍ରଥମ ପସନ୍ଦ ଭୋଟ ଟେକି ଦେଇଛନ୍ତି ।

ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତିଯେ ତାଙ୍କ ଦଳର ବିଧାୟକ ରମେଶ ଜେନା, ଦାଶରଥୀ ଗମାଙ୍ଗ ଓ ସୋଫିଆ ଫିର୍ଦୌଷ କ୍ରସଭୋଟିଂ କରଛନ୍ତି । ସେମାନେ ଦଳ ଓ ଚ୍ଛିନ୍ନରେ ଜିତି ମଧ୍ୟ ଆଜି ଦଳ ସହ ବିଶ୍ୱାସଘାତକତା କରିଛନ୍ତି । ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବାଚସ୍ପତିଙ୍କୁ ଲିଖିତ ଭାବେ ଜଣାଇବୁଓ ଦରକାର ପଡିଲେ ସେମାନଙ୍କ ସଭ୍ୟ ପଦ ରଦ୍ଦ ନିମନ୍ତେ ସୁପ୍ରିମକୋର୍ଟ ମଧ୍ୟ ଯିବୁ ।

ସେହିପରି ବିଜେଡିର ଅଧିକୃତ ଏଜେଣ୍ଟ ପ୍ରତାପ କେଶରୀ ଦେବ କହିଛନ୍ତି ଯେ, ଦଳର ୮ଜଣ ବିଧାୟକ କ୍ରସଭୋଟିଂ କରିଛନ୍ତି । ଦୁଇ ନିଲମ୍ବିତ ବିଧାୟକ ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡଙ୍କ ସମେତ ଦେବୀରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ସୁକ୍ଷିମୀ ଜେନା, ଚକ୍ରମଣି କହଁର, ରମାକାନ୍ତ ଭୋଇ ଓ ନବକିଶୋର ମଲ୍ଲିକ କ୍ରସ ଭୋଟିଂ କରିଛନ୍ତି ।ଏହି ନେତାମାନେ ଦଳର ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରିଥିବାରୁ ସେମାନଙ୍କ ବିରୁଦ୍ଧରେ ଅଭିଯୋଗ ମଧ୍ୟ କରିଛି । ୧୦ଜଣ ଠିକଣା ଲୋକ ରହିବା ଦରକାର, ୫୦ଜଣ ବେଇମାନ ରଖିଲାଭ କ'ଣ ? ଯେଉଁମାନେ କ୍ରସଭୋଟ କରିଛନ୍ତି ସେମାନଙ୍କ ନାଁ ଦଳର ସଭାପତିଙ୍କୁ ଜଣାଇଛି, ଯାହା କାର୍ଯ୍ୟାନୁଷ୍ଠାନ ସେ ନେବେ । ଦଳ ସଭାପତି ନବୀନ ପଟ୍ଟନାୟକ ଆଗରୁ ଘୋଡା ବେପାର କଥା କହିଥିଲେ ଓ ତା ହିଁ ହେଲା । ଏବେ ଯେଉଁ ନେତାମାନେ ଦଳରେ ଅସନ୍ତୋଷ ଓ ବିଜୁ ଲିଗାସୀ କଥା କହୁଛନ୍ତି ସେମାନେ ଦଳରେ କେବେ ନଥିଲେ,କେବଳ ଆଳ ଦେଖାଉଛନ୍ତି ବୋଲି ପ୍ରତାପ ଦେବ କହିଛନ୍ତି ।

କଂଗ୍ରେସରୁ ୩ କ୍ରସ୍ ଭୋଟିଂ ହୋଇଛି: ଭକ୍ତ

ରାଜ୍ୟସଭା ନିର୍ବାଚନ ପାଇଁ ଅ।ଜି ଭୋଟ୍ ଗ୍ରହଣ କରାଯାଇଥିବା ବେଳେ କଂଗ୍ରେସର ୩ ଜଣ ବିଧାକ ଦଳୀ ନିଷ୍ପ□ ବିରୋଧରେ ଯାଇ ସେମାନଙ୍କ ଭୋଟ୍ ଦେଇଛନ୍ତି ବିଜେଡି ଦ୍ୱାରା କମନ୍ କ୍ୟାଣ୍ଡିଡେଟ୍ ଘୋଷିତ ଡାକ୍ତର ଦ□ଶ୍ୱର ହୋତାଙ୍କୁ କଂଗ୍ରେସ ସମର୍ଥନ ଘୋଷଣା କରିଥିଲା ତେବେ ଦଳର ତିନି ଜଣ ବିଧାକ ତାଙ୍କୁ ଭୋଟ୍ ଦେଇ ନାହାନ୍ତି ଏହି ତିନି ବିଧାକ ହେଉଛନ୍ତି ରମେଶ ଚନ୍ଦ୍ର ଜେନା, ସୋଫିଆ । ଫିର୍ଦୋସ ଓ ଦାଶରଥୀ ଗମାଙ୍ଗ ।

ଏ ସଂପର୍କରେ ସୂଚନା ଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ରମେଶ ଚନ୍ଦ୍ର ଜେନା, ସୋଫିଆ । ଫିର୍ଦୋସ ଓ ଦାଶରଥୀ ଗମାଙ୍ଗ କ୍ରସ୍ ଭୋଟିଂ କରିଛନ୍ତି ଏନେଇ ଟେଲିଫୋନ୍ରେ ଇଓଉଉକୁ ଜଣାଇ ଦିଆ ।ଯାଇଛି ଏହାପରେ ଅ।ମେ ଲିଖିତ ଭାବେ ଜଣାଇ ଦେବୁ

ଶ୍ରୀ ଦାସ ଅ।ହୁରି କହିଛନ୍ତି, ରମେଶ ଜେନା କ୍ରସ୍ ଭୋଟିଂ କରିବେ ବୋଲି ବିଶ୍ୱାସ କରୁ ନ ଥିଲି ବିଧାନସଭାରେ ଅ।ମେ ସେମାନଙ୍କ ସହ ଅ।ଉ ବସିବୁ ନାହିଁ ଅନ୍ୟପକ୍ଷରେ ବିଜେଡିରୁ ଚକ୍ରମଣି କହଁର, ସୌଭିକ ବିଶ୍ୱାଳ ଓ ସୁବାସିନୀ ଜେନା ପ୍ରମୁଖ କ୍ରସ୍ ଭୋଟିଂ କରିଥିବା ସୂଚନା ମିଳିଛି ସେହିପରି ବିଜେଡିରୁ ନିଲମ୍ବିତ ଦୁଇ ବିଧାକ ସନାତନ ମହାକୁଡ଼ ଓ ଅରବିନ୍ଦ ମହାପାତ୍ର ଦଳର ସ୍ୱୀକୃତିପ୍ରାପ୍ତ ପ୍ରାର୍ଥୀଙ୍କୁ ଭୋଟ୍ ଦେଇ ନଥିବା ଜଣାପଡ଼ିଛି

କଟକ ଏସସିବିରେ ଅଗ୍ନିକାଣ୍ଡ, ୧୦ ରୋଗୀଙ୍କ ମୃତ୍ୟୁ

କଟକ,୧୬ମାର୍ଚ୍ଚ(ନି.ପ୍ର.): ଶ୍ରୀରାମ ଚନ୍ଦ୍ର ଭଂଜ (ଏସସିବି) ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଆଜି ଭୋରରୁ ଏକ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି । ଏହି ହୃଦବିଦାରକ ଘଟଣା ମେଡିକାଲର ଏକ ୱାର୍ଡରେ ଘଟିଥିବା ବେଳେ ୧୦ ଜଣଙ୍କର ମୃତ୍ୟୁ ହୋଇଥିବା ପ୍ରାଥମିକ ସୂଚନା ମିଳିଛି । ଅନ୍ୟ ୫ ଜଣ ରୋଗୀଙ୍କ ଅବସ୍ଥା ଗୁରୁତର ଅଛି । ଏହି ଅଭାବନୀ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି ପୁଲିସ କମିସନର ।

ସୂଚନା ଅନୁସାରେ ମଧ୍ୟରାତ୍ରୀରେ ଯେତେବେଳେ ଏସସିବିର ରୋଗୀ, ରୋଗୀ ସଂପର୍କୀମାନେ ଶୋଇ ପଡ଼ିଥିଲେ, ସେହ ସମରେ ଅଗ୍ନିକାଣ୍ଡ ହୋଇଥିଲା । ହଠାତ ଅଗ୍ନିକାଣ୍ଡ ହେବାରୁ ରୋଗୀ ଓ ରୋଗୀମାନେ ଉଠିବା ବେଳକୁ ସ୍ଥିତି ଅଣା□ ହୋଇଥିଲା । ଅଗ୍ନିକାଣ୍ଡ ଘଟିବା ମାତ୍ରେ ହସ୍ପିଟାଲ କର୍ମଚାରୀ ଏବଂ ଅଗ୍ନିଶମ ବାହିନୀ ତୁରନ୍ତ ପଦକ୍ଷେପ ନେଇଥିଲେ । ହସ୍ପିଟାଲର ନିଜସ୍ୱ ଅଗ୍ନିଶମ ବିଭାଗ ପ୍ରଥମେ ନିଗଜିତ ହୋଇଥିଲେ । ବାହାରୁ ତିନୋଟି ଅଗ୍ନିଶମ ଗାଡି ମଧ୍ୟ ଶୀଘ୍ର ଘଟଣାସ୍ଥଳରେ ପହ□ଥିଲା । ନିଆଁକୁ ଆ□ କରିବାକୁ ଚେଷ୍ଟା କରାଯାଇଥିଲା । କିନ୍ତୁ ଧୂଆଁ ଏବଂ ନିଆଁ ଯୋଗୁଁ ଅନେକ ରୋଗୀଙ୍କ ପ୍ରବଳ କ୍ଷତି ହୋଇଥିଲା । ଓଉଟରେ ଭ□ ହୋଇଥିବା ଗୁରୁତର ରୋଗୀଙ୍କୁ ତୁରନ୍ତ ସ୍ଥାନାନ୍ତର କରାଯାଇଥିଲା । ଗୁରୁତର ଅବସ୍ଥାରେ ଥିବା ରୋଗୀମାନଙ୍କୁ ହସ୍ପିଟାଲର ନ୍ୟୁ ମେଡିସିନ୍ ଓଉଟକୁ ସ୍ଥାନାନ୍ତର କରାଯାଇଥିଲା ।

ତେବେ ଅଗ୍ନିକାଣ୍ଡ କେଉଁ ପରିସ୍ଥିତିରେ ଘଟିଲା ତାହାଜଣାପଡ଼ିନାହିଁ । ପ୍ରଶାସନିକ ଅବହେଳା ନାଁ ସର୍ଟସର୍କିଟ ଅଗ୍ନିକାଣ୍ଡର କାରଣ, ତାହା ତସନ୍ତ ପରେ ଜଣାପଡ଼ିବ । ଯଦି ମେଡିକାଲ କଲେଜର ତ୍ରୁଟି ପାଇ ନିରୀହ ରୋଗୀମାନଙ୍କର ଜୀବନ ଯାଇଥାଏ, ତା'ହେଲେ ସଂପୃକ୍ତ ବ୍ୟକ୍ତି କାର୍ଯ୍ୟାନୁଷ୍ଠାନର ଶିକାର ହେବେ । ଅନ୍ୟପଟରେ ରାଜ୍ୟର ସର୍ବବୃହତ ମେଡିକାଲ କଲେଜରେ ବାରମ୍ବାର ଅଗ୍ନିକାଣ୍ଡ ଘଟଣାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଉଛି । ଅଗ୍ନିକାଣ୍ଡ ଘଟଣା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ଏସ୍ବିବି ମେଡିକାଲର ଅଗ୍ନିକାଣ୍ଡ ସ୍ଥଳ ବୁଲି ଦେଖିଛନ୍ତି । ସେ ବରିଷ୍ଠ ପଦାଧିକାରୀଙ୍କ ସହ ସ୍ଥିତିର ସମୀକ୍ଷା କରିଛନ୍ତି । ସ୍ଥାନାନ୍ତର ସମରେ ୧୦ ଜଣ ରୋଗୀଙ୍କ ମୃତ୍ୟୁ ହୋଇଥିବା ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କାର ସହାତା ଘୋଷଣା କରିଛନ୍ତି । ମୃତକଙ୍କୁ ନେଇ ମୁଖ୍ୟମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରିଥିବା ବେଳେ ଶୋକସନ୍ତପ୍ତ ପରିବାର ପ୍ରତି ସେ ସମବେଦନା ଜଣାଇଛନ୍ତି । ଅଗ୍ନିକାଣ୍ଡ ଘଟଣାର ଉଚ୍ଚସ୍ତରୀ ବିଚାର ବିଭାଗୀ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ

କଟକ,୧୬ମାର୍ଚ୍ଚ(ନି.ପ୍ର.): ଏସସିବି ମେଡ଼ିକାଲ ଅଗ୍ନିକାଣ୍ଡ ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନେରନ୍ଦ୍ର ମୋଦୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ କଥା ହୋଇଛନ୍ତି । ପ୍ରଧାନମନ୍ତ୍ରୀ ଘଟଣା ସମ୍ପର୍କରେ ବିସ୍ତୃତ ଅ।ଲୋଚନା କରିଥିବାର ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ଯେ କଟକ ଏସସିବି ମେଡିକାଲ କଲେଜରେ ଘଟିଥିବା ଅଭାବନୀ ଦୁର୍ଘଟଣା ସମ୍ପର୍କରେ ପ୍ରଧାନମନ୍ତ୍ରୀ ଟେଲିଫୋନ ଯୋଗେ କଥା ହୋଇ ବିସ୍ତୃତ ଅ।ଲୋଚନା କରିଛନ୍ତି । ସମସ୍ତ ପ୍ରଭାବିତଙ୍କ ପାଇଁ ଗ୍ରହଣ କରାଯାଇଥିବା ଜରୁରୀକାଳୀନ ପଦକ୍ଷେପ, ସ୍ଥାନାନ୍ତର ପ୍ରକ୍ରି। ଏବଂ ସେମାନଙ୍କୁ ଯୋଗାଇ ଦିଆ ।ଯାଉଥିବା ସ୍ୱତନ୍ତ୍ର ଚିକିତ୍ସା ସେବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଅବଗତ କରାଇଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଉଚ୍ଚସ୍ତରୀ ବିଚାର ବିଭାଗୀ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ନିଜେ ଏସସିବି ଗସ୍ତ କରି ସ୍ଥିତିର ସମୀକ୍ଷା କରିବା ସହ ପ୍ରଭାବିତଙ୍କୁ ସମସ୍ତ ପ୍ରକାରର ସରକାରୀ ସହାତା ପ୍ରଦାନ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି । ସମସ୍ତ ସମ୍ପୃକ୍ତ ବିଭାଗ ଓ ଟିମ୍ ପୂର୍ଣ୍ଣ ସମନ୍ୱର ସହ ନିରନ୍ତର କାର୍ଯ୍ୟ କରୁଛନ୍ତି । ଏହି ସମ୍ବେଦନଶୀଳ ସମରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସହାନୁଭୂତିପୂର୍ଣ୍ଣ ଉଦ୍ବେଗ ଏବଂ ଅ।ବଶ୍ୟକୀ ସହାତାର ପ୍ରତିଶ୍ରୁତି ପାଇଁ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି । ସେପଟେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା ମଧ୍ୟ ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ।ସେହିପରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବିଜେଡ଼ି ସଭାପତି ନବୀନ ପଟ୍ଟନାକ ପ୍ରମୁଖ ଶୋକ ବ୍ୟକ୍ତ କରିବା ସହିତ ଅ।ହତଙ୍କ ଅ।ତ୍ମୀୟ ଅ।ରୋଗ୍ୟ କାମନା କରିଛନ୍ତି ।

ମମତାଙ୍କୁ ଟକ୍କର ଦେବେ ଶୁଭେନ୍ଦୁ

କୋଲକାତା,୧୬ମାର୍ଚ୍ଚ(ନି.ପ୍ର.):: ପୁଣି ଥରେ ପଶ୍ଚିମବଙ୍ଗ ନିର୍ବାଚନର ମହାଲଢ଼େଇ ଦେଖିବାକୁ ମିଳିବ । ବିରୋଧୀ ଦଳ ନେତା ତଥା ବିଜେପି ବିଧାକ ଶୁଭେନ୍ଦୁ ଅଧିକାରୀ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ମଧ୍ୟରେ କଡ଼ା ଟକ୍କର ହେବାର ସମ୍ଭାବନା ରହିଛି । ସୋମବାର ବିଜେପି ୧୪୪ ଜଣିଆ । ପ୍ରଥମ ପର୍ଯ୍ୟା ପ୍ରାର୍ଥୀ ତାଲିକା ଜାରି କରିଛି । ଏଥିରେ ୧୧ ଜଣଙ୍କ ନାମ ସାମିଲ ରହିଛି ।ଶୁଭେନ୍ଦୁ ନନ୍ଦୀଗ୍ରାମ ଏବଂ ଭବାନୀପୁର ଅ।ସନରୁ ଲଢ଼ିବାକୁ ଯାଉଛନ୍ତି । ୨୦୨୧ ନିର୍ବାଚନରେ ଶୁଭେନ୍ଦୁ ନନ୍ଦୀଗ୍ରାମରୁ ଲଢ଼ି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ହରାଇଥିଲେ ମମତା ନିଜେ ନନ୍ଦୀଗ୍ରାମରୁ ଲଢ଼ିବେ ବୋଲି ଘୋଷଣା କରିଥିଲେ ଏହା ପରେ ସେ ପୁଣି ଥରେ ଟିଏମସି ବିଧାକ ସୋବନଦେବ ଚଟ୍ଟୋପାଧ୍ୟାଙ୍କ ଅ।ସନରୁ ଉପନିର୍ବାଚନ ନିର୍ବାଚିତ ହୋଇଥିଲେ । ତେବେ ଶୁଭେନ୍ଦଙ୍କୁ ମମତାଙ୍କ ବିପକ୍ଷରେ ପ୍ରାର୍ଥୀ କରିବା ବିଜେପିର ଅ।କ୍ରମଣାତ୍ମକ ରାଜନୀତି ବୋଲି କୁହାଯାଉଛି ।

ମର୍ଣ୍ଣିଙ୍ଗ ୱାକ୍ ହେଲା କାଳ

କାର୍ ଦୁର୍ଘଟଣାରେ ଗଲା ୩ ଜୀବନ

ପିପିଲି,୧୬ମାର୍ଚ୍ଚ(ନି.ପ୍ର.): ସକାଳୁ ସକାଳୁ ଜାତୀ ରାଜପଥ କଡ଼ରେ ମର୍ଣ୍ଣିଙ୍ଗ ୱାକ ହେଲା କାଳ । କିଏ ଜାଣିଥିଲା ପଛ ପଟୁ ଆସି ପିଟିବ ଦ୍ରୁତଗାମୀ କାର୍। ଉ□ରା ନିକଟ କେଇସି କଲେଜ ସାମ୍ନାରେ ଏକ ମର୍ମନ୍ତୁଦ କାର ଦୁର୍ଘଟଣା ଘଟିଛି । ଏହି ଅଘଟଣରେ ୩ ଜଣଙ୍କର ଗଲା ଜୀବନ ଅ।ଉ ଜଣେ ଜୀବନ ମରଣ ସହ କରୁଛନ୍ତି ସଂଘର୍ଷ ।

ସକାଳ ୫ଟାରେ ଉ□ରା ଅ□ଳର ଦୁଇ ଜଣ ମହିଳା ସବୁ ଦିନ ପରି ମର୍ଣ୍ଣିଙ୍ଗ ୱାର୍କ ପାଇଁ ରାସ୍ତାରେ ଚାଲୁଥିବା ବେଳେ ଭୁବନେଶ୍ୱର ପଟୁ ଦ୍ରୁତ ଗତିରେ ଅ।ସୁଥିବା କଳା କାର୍ ଭାରସାମ୍ୟ ହରାଇ ଉଭଙ୍କୁ ପିଟିଥିଲା । କାର ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାକଡ଼କୁ ଛିଟିକି ପଡ଼ିଥିବା ବେଳେ କାର ଭିତରେ ଥିବା ଦୁଇ ଜଣଙ୍କ ଭିତରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ମହିଳାଙ୍କର ହୋଇଛି ମୃତ୍ୟୁ। ପିପିଲି ପୁଲିସ ଓ କୌଶଲ୍ୟାଗଙ୍ଗ ଫାଣ୍ଡି ପୁଲିସ ପହ□ି ଘଟଣାର ଅଧିକ ତଦନ୍ତ କରୁଛନ୍ତି । ଦୁର୍ଘଟଣାଗସ୍ତ କାରକୁ ଅଗ୍ନିଶମ ବିଭାଗ ଉଦ୍ଧାର କରିଛି । ଦୁଇଟି ଆମ୍ବୁଲାନ୍ସ ପହ□ି ସମସ୍ତଙ୍କୁ ଭୁବନେଶ୍ୱର ମେଡିକାଲ ନେଇଥିବା ବେଳେ ଘଟଣା ସ୍ଥଳରେ ଲୋକମାନଙ୍କର ଭିଡ଼ ଦେଖିବାକୁ ମିଳିଥିଲା ।

ଉପାସନାଙ୍କ ଭୋଟକୁ ନେଇ ବିବାଦ

ଭୁବନେଶ୍ୱର,୧୬ମାର୍ଚ୍ଚ(ନି.ପ୍ର.): ଅ।ଜି ଦେଶର ବିଭିନ୍ନ ରାଜ୍ୟରେ ରାଜ୍ୟସଭା ନିର୍ବାଚନ ଅନୁଷ୍ଠିତ ହେଉଛି । ଓଡ଼ିଶାରେ ମଧ୍ୟ ବିଧାନସଭାର ସମସ୍ତ ସଦସ୍ୟ ମତଦାନ କରୁଛନ୍ତି ।ମତଦାନ ବେଳେ ବିବାଦ ସୃଷ୍ଟି ହୋଇଛି । ବିଜେପିର ବ୍ରହ୍ମଗିରି ବିଧାକା ଶ୍ରୀମତୀ ଉପାସନା ମହାପାତ୍ର ଦୁଇଟି ବାଲାଟ୍ ପେପର୍ ମାଗିବା ପରେ ବିଜେଡ଼ି ଓ କଂଗ୍ରେସ ପ୍ରବଳ ବିରୋଧ କରିଛନ୍ତି ।

ଉପାସନାଙ୍କ କହିବା ମୁତାବକ, ଅ।ଜି ଭୋଟ୍ ଦେବା ସମରେ ବାଲାଟ୍ ପେପରେ ତାଙ୍କର କଲମ ଚାଲିନଥିଲା । ଫଳରେ ଓଭର୍ ରାଇଟିଂ ହୋଇଥିଲା । ତେଣୁ ସେ ପୋଲିଂ ଅଧିକାରୀଙ୍କୁ ଅ।ଉ ଗୋଟିଏ ବାଲାଟ୍ ପେପର୍ ମାଗିଥିଲେ । ଅ।ଉ ଅଧିକାରୀ ତୁରନ୍ତ ଅ।ଉ ଗୋଟିଏ ବାଲାଟ୍ ପେପର୍ ବଢ଼ାଇ ଦେଇଥିଲେ । ତା ପରେ ଉପାସନା ଭୋଟ୍ ଦେଇଥିଲେ । ଯାହାକୁ ନେଇ ବିଜେଡ଼ି ଓ କଂଗ୍ରେସ ବିଧାକମାନେ ପ୍ରବଳ ହଙ୍ଗାମା କରିଛନ୍ତି । ଏହା ସମ୍ପୂର୍ଣ୍ଣ ବେଆ।ଇନ ବୋଲି କହିଥିଲେ । ପ୍ରା ୪୦ ମିନିଟ୍ ସମ ପାଇଁ ମତଦାନ ସ୍ଥଗିତ ହୋଇଥିଲା । ପରେ ମତଦାନ ଅ।ରମ୍ଭ ହୋଇଥିଲା ।

ବିଜେଡ଼ି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାକ ଦ୍ୱିତୀ ବାଲାଟ୍ ବ୍ୟବହାର କରିବାକୁ ବେଆ।ଇନ ବୋଲି କହିଛନ୍ତି । ମତଦାନରେ ଗୁରୁତର ତ୍ରୁଟି ହୋଇଛି । ପୋଲି

ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ସମ୍ବର୍ଦ୍ଧିତ

ଖଣ୍ଡପଡ଼ା, **୧୬।୩:(ମନ୍ଥନ)** ଖଣ୍ଡପଡ଼ା ବ୍ଲକ ବନମାଳିପୁର ପଞ୍ଚାୟତ ଅଧୀନ ଯଦୁନାଥପୁର ଶାସନ ଗ୍ରାମର ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ରମେଶ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ମହୋତ୍ସବ କମିଟି । ପ୍ରଭୁ ସୋମନାଥଙ୍କ ପୀଠରେ ଅନୁଷ୍ଠିତ ପଞ୍ଚୁଦୋଳ ମହୋତ୍ସବର ଅନ୍ତିମ ସନ୍ଧ୍ୟାରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା ପ୍ରମୁଖ ଉପସ୍ଥିତ ରହିବା ସହିତ ଶ୍ରୀ ମିଶ୍ରଙ୍କୁ କଳା କ୍ଷେତ୍ରରେ ସ୍ୱତନ୍ତ୍ର ଅବଦାନ ନିମନ୍ତେ ସମ୍ବର୍ଦ୍ଧିତ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ ଶ୍ରୀ ମିଶ୍ର ଦୀର୍ଘ ୪ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେବ ଖଣ୍ଡପଡ଼ା ଅଞ୍ଚଳରେ ରାମାୟଣ, ମହାଭାରତ ଭଳି ପୌରାଣିକ ଏବଂ ସାମାଜିକ ନାଟକ ନିର୍ଦ୍ଦେଶନା ଦେଇଥିବା ବେଳେ କଳା ଓ ସଂସ୍କୃତି ରକ୍ଷା ଦିଗରେ ଉଦ୍ୟମ କରିଆସୁଛନ୍ତି ।

ଦାମୋଦରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ୫୧ ବାର୍ଷିକ ଉତ୍ସବରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରମ୍ପାରିକ ନୃତ୍ୟ ଓ ସଙ୍ଗୀତ ପରିବେଶଣ

ଗଞ୍ଜାମ, **୧୬।୩:(ମନ୍ଥନ)** ଗଞ୍ଜାମ ଏନଏସି ଅନ୍ତର୍ଗତ ଦାମୋଦରପୁର ଗ୍ରାମ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୫୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚଢ଼େୟା ନୃତ୍ୟ, ଯୋଡି ବାଘ ନୃତ୍ୟ, ଜିମନାଷ୍ଟିକ, ଜଗନ୍ନାଥ ଭଜନରେ ନୃତ୍ୟ ଏପରିକି ପାରମ୍ପାରିକ ନୃତ୍ୟ ପରିବେଷଣ ସମସ୍ତଙ୍କ ମନ ମୋହିଥିଲା । ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଦାଶ ଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ବେହେରା ଯୋଗଦେଇ ବିଦ୍ୟାର୍ଥୀ ମାନଙ୍କ ଉଜ୍ଜଳ ଭବିଷତ କାମନା କରିଥିଲେ । ଅତିରକ୍ତ ଶିକ୍ଷାଧିକାରୀ ବିନିତା କୁମାରୀ ମିଶ୍ର, ସି ଆର ସି ସି ଲକ୍ଷଣ କୁମାର ସେଠି, ଓଡିଶା ସମ୍ବାଦିକ ସଂଘର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଦ୍ୟାର୍ଥୀ ମାନଙ୍କ ପରମ୍ପାରିକ ନୃତ୍ୟ ଓ ସଙ୍ଗୀତ ପରିବେଷଣକୁ ଉଚ୍ଚ ପ୍ରଶଂସା କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅବିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ । ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ସୁପରିଚାଳନାରେ ସହଯୋଗ କରିଥିଲେ ।

ଖୋର୍ଦ୍ଧାରେ ପଦ୍ମଜ ସାହିତ୍ୟ ଉତ୍ସବ ୨୦୨୬ ପାଳିତ

ଖୋର୍ଦ୍ଧା, **୧୬।୩:(ମନ୍ଥନ)** ଚର୍ଯ୍ୟାୟୁଧ ଫାଉଣ୍ଡେସନ ପକ୍ଷରୁ ଖୋର୍ଦ୍ଧା ଜୟୀରାଜଗୁରୁ ଟାଉନହଲରେ ଓଡିଶାର ପ୍ରଖ୍ୟାତ ଔପନ୍ୟାସିକ ଡକ୍ଟର ପଦ୍ମଜ ପାଳଙ୍କ ଅଶୀତମ ଜନ୍ମଦିବସ ଅବସରରେ ଆୟୋଜିତ ପଦ୍ମଜ ଉତ୍ସବରେ ବିଶିଷ୍ଟ ଅତିଥିମାନେ ଯୋଗଦେଇ ପଦ୍ମଜ ପାଳଙ୍କ ସାହିତ୍ୟକୃତି ସମ୍ପର୍କରେ ଆଲୋଚନା କରି ସାମ୍ପ୍ରତିକ ସମୟରେ ଲେଖକମାନଙ୍କର ଦାୟିତ୍ୱବଦ୍ଧତା ସମ୍ପର୍କରେ ସୂଚନା ଦେବା ସହ ପଦ୍ମଜ ପାଳ ଓଡ଼ିଆ । ସାହିତ୍ୟର ଦିଗବାରେଣୀ ଖୁଣ୍ଟି ବୋଲି ବକ୍ତବ୍ୟ ପ୍ରଦାନ କରିଛନ୍ତି । ଚର୍ଯ୍ୟାୟୁଧର ସଭାପତି ଅଭିଷେକ ସିଂସାମନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସାରସ୍ୱତ ଉତ୍ସବରେ ଆମନ୍ତ୍ରିତ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଅତିଥିମାନଙ୍କୁ ସଭାପତି ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ସୁଶ୍ରୀ ରିମ୍ପା ସୁହାନିଙ୍କ ପ୍ରାରମ୍ଭିକ ନୃତ୍ୟ ପରେ ଆକାଶବାଣୀର ଉଦଘୋଷିକା ତଥା ମଞ୍ଚ ସଂଚାଳିକା ମିତା ପଟ୍ଟନାୟକ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ବିଶିଷ୍ଟ କଥାକାର ତପନ କୁମାର ମହାପାତ୍ର ପଦ୍ମଜ ଉତ୍ସବ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଉତ୍ସବରେ ଉଦଘାଟକ ଭାବେ ବିଶିଷ୍ଟ ନାଟ୍ୟକାର ପ୍ରଫେସର ରମେଶ ପ୍ରସାଦ ପାଣିଗ୍ରାହୀ ଓ ବିଶିଷ୍ଟ ଅତିଥି ଭାବେ ପ୍ରଖ୍ୟାତ ଭାଷାବିତ ଓ ସମାଲୋଚକ ପ୍ରଫେସର ନଟବର ଶତପଥୀ ଯୋଗଦେଇ ପଦ୍ମଜ ପାଳଙ୍କ କଥା ସାମ୍ରାଜ୍ୟ ସମ୍ପର୍କରେ ବକ୍ତବ୍ୟ ଦେବା ସହ ଲେଖକମାନଙ୍କର ପ୍ରତିବଦ୍ଧତା ଓ ଦୃଷ୍ଟିକୋଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଫେସର ରମେଶ ପ୍ରସାଦ ପାଣିଗ୍ରାହୀ ନିଜ ବକ୍ତବ୍ୟରେ କହିଲେ ପ୍ରତି ଲେଖକ ଜଣେ ସ୍ୱାଧୀନଚେତା ମଣିଷ । ଭୂମିରୁ ଭୂମା ପର୍ଯ୍ୟନ୍ତ ତା'ର ବ୍ୟାପ୍ତି । ବିଶ୍ୱ ଚେତନାରୁ ଯାହା ଆସେ ସେ ତାକୁ ନିଜ ଲେଖାରେ ପ୍ରତିଫଳିତ କରେ ଓ ପରବର୍ତ୍ତୀ ପିଢ଼ିକୁ ପ୍ରେରଣା ଯୋଗାଏ । ପଦ୍ମଜ ପାଳଙ୍କ ଗଳ୍ପ ଓ ଉପନ୍ୟାସରେ ଦୁଃଖ ଭୋଗୁଥିବା ମଣିଷର କଥା ସହ ସାମ୍ପ୍ରତିକ ସମୟର ଜାଗତିକ ସମସ୍ୟା ଓ ମଣିଷର ବିବିଧ ଦୃଷ୍ଟିକୋଣ କିପରି ପ୍ରତିଫଳିତ ହୋଇଛି ତାହା ଆଲୋଚନା କରିଥିଲେ । ପ୍ରଫେସର ନଟବର ଶତପଥୀ ନିଜ ବକ୍ତବ୍ୟରେ କହିଲେ ଗାଳ୍ପିକମାନେ ଗଳ୍ପଭୂମିର ଐତିହ୍ୟ ଓ ସାଂସ୍କୃତିକ ଜୀବନକୁ ନେଇ ଗଳ୍ପ ରଚନା କରିବା ଆବଶ୍ୟକ । ନିଜ ଦୃଷ୍ଟିଭଙ୍ଗୀ ଓ ଶୈଳୀ ମାଧ୍ୟମରେ ଓଡ଼ିଶାର ଜୀବନଧାରା ସାଂସ୍କୃତିକ ବିବର୍ତ୍ତନ ଉପସ୍ଥାପନ କରିବାରେ ସେ ଏକ ବାହକ । ପଦ୍ମଜଙ୍କ ଲେଖାରେ ଏହା ପ୍ରତିଫଳିତ ହେବା ସହ ଲୋକପ୍ରାଣର ଉପଲବ୍ଧି ସ୍ପଷ୍ଟ ଭାବେ ପ୍ରକାଶିତ ହୋଇଛି । ପକ୍ଷୀଘରର ସମ୍ପାଦକ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶ୍ରେଷ୍ଠ ପ୍ରକାଶକ ବନୋଜ ତ୍ରିପାଠୀ ପଦ୍ମଜଙ୍କୁ ଓଡ଼ିଆ । ସାହିତ୍ୟର ଦିଗବାରେଣୀ ଖୁଣ୍ଟି ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ମଞ୍ଚରେ ସ୍ୱତନ୍ତ୍ର ଅତିଥିଭାବେ ଉପସ୍ଥିତ ବିଶିଷ୍ଟ କଥାକାର ପଦ୍ମଜ ପାଳ କହିଲେ ପ୍ରତ୍ୟକ ଲେଖକ ସ୍ୱତନ୍ତ୍ର । ସେ କାହାଦ୍ୱାରା ପ୍ରଭାବିତ ଆବଶ୍ୟକ ନୁହେଁ । ଲେଖକ ନିଜ ମଧ୍ୟରେ ନିଜକୁ ଆବିଷ୍କାର କରିବା ଆବଶ୍ୟକ ଓ ନିଜକୁ ଅତିକ୍ରମ କରିପାରିଲେ ତାହା ଯଥାର୍ଥ ସାହିତ୍ୟ ଭାବେ ପରିଗଣିତ ହୋଇପାରିବ । ଏହାପରେ ପକ୍ଷୀଘର ଦ୍ୱାରା ପ୍ରକାଶିତ ପଦ୍ମଜ ପାଳଙ୍କ ରଚିତ ଉପନ୍ୟାସ ଗୋଟିଏ କଳା ଦାମୁଡ଼ିର ଜୀବନ ମୃତ୍ୟୁ ରହସ୍ୟ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ଏହି ଅବସରରେ ଚଳିତ ବର୍ଷର ଖୋର୍ଦ୍ଧା ସମ୍ପଦ ସମ୍ମାନ ଖୋର୍ଦ୍ଧାର ବିଶିଷ୍ଟ ଚିକିତ୍ସକ ଓ ସାହିତ୍ୟିକ ଡାକ୍ତର ଇନ୍ଦ୍ରମଣି ଜେନାଙ୍କୁ ଅତିଥିମାନେ ପ୍ରଦାନ କରିଥିଲେ । ଏଥିସହ ବର୍ଷୀୟାନ ସାହିତ୍ୟିକା ଗୋଲାପ ମଞ୍ଜରୀ କରଙ୍କୁ ପଦ୍ମଜ ସାହିତ୍ୟ ସମ୍ମାନ ଓ ଯୁବ ଲେଖକ ସୁମିତ ପଣ୍ଡାଙ୍କୁ ଚଳିତ ବର୍ଷର ପଦ୍ମଜ ପ୍ରତୀକ ସମ୍ମାନ ପ୍ରଦାନ କରାଯାଇଥିଲା । ସମ୍ବର୍ଦ୍ଧିତ ଅତିଥିମାନେ ନିଜର ବକ୍ତବ୍ୟ ପ୍ରଦାନ କରିବା ପରେ ମଞ୍ଚରେ ନାଟ୍ୟଗ୍ରାମର ବିଶିଷ୍ଟ ଅଭିନେତ୍ରୀ ସୁଜାତା ପ୍ରିୟମ୍ବଦାଙ୍କ ଦ୍ୱାରା ପଦ୍ମଜ ପାଳଙ୍କ ବହୁ ଚର୍ଚ୍ଚିତ ଗଳ୍ପ ନମିତା ପାଇଁ ଗୋଟିଏ ସମ୍ବାଦର ନାଟ୍ୟରୂପ ଉପସ୍ଥାପନା ଖୁବ ଆକର୍ଷଣୀୟ ଥିଲା । ଏହାପରେ ଚର୍ଯ୍ୟାୟୁଧର ସମ୍ପାଦିକା ସବିତା ପାଳଙ୍କ ସମେତ ଅନ୍ୟ ଅତିଥିମାନେ ଅଭିନେତ୍ରୀ ସୁଜାତା ପ୍ରିୟମ୍ବଦା, ମଞ୍ଚ ସଂଚାଳିକା ମିତା ପଟ୍ଟନାୟକ, ଗାଳ୍ପିକ ଡକ୍ଟର ନିରଞ୍ଜନ ମହାନ୍ତି, ଗବେଷିକା ପ୍ରଜ୍ଞାଶା ପଟ୍ଟନାୟକ ଓ ବନୋଜ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ ଡକ୍ଟର କୈଳାସ ଚନ୍ଦ୍ର ମହାରଣା । ଉକ୍ତ ଉତ୍ସବରେ ଓଡ଼ିଶାର ବିଶିଷ୍ଟ ଗାଳ୍ପିକା ସରୋଜିନୀ ସାହୁ, ଡକ୍ଟର ହିରଣ୍ମୟୀ ମିଶ୍ର, ଆର୍ଯ୍ୟ ଯଜ୍ଞଦତ୍ତ, ପ୍ରକାଶ ମହାପାତ୍ର, ସରୋଜ ବଳ, ଜୟନ୍ତୀ ରଥ, ପ୍ରବୀଣା ମହାନ୍ତି, ଡକ୍ଟର ଆଶୁତୋଷ ମିଶ୍ର, କାମଦେବ ମହାରଣା, ଡକ୍ଟର ବାସୁଦେବ କର, ଡକ୍ଟର ସୁବ୍ରତ ସେନାପତି, ଡକ୍ଟର ସୁରେଶ ଛୋଟରାୟ, ବିଭୁ ହୋତା, ଐତିହାସିକ ସତ୍ୟବାଦୀ ବଳିୟାରସିଂହ, କ୍ୟାପଟେନ ଡକ୍ଟର ମିନତୀ ପଟ୍ଟନାୟକ, ଗୋପାଳ କୁଷ୍ଠ ଦାସ, ବିଶ୍ୱନାଥ ମହାପାତ୍ର, ଶୁଭ୍ରାଂଶୁ ବିଶ୍ୱାଳ, ରୋଜାଲିନ ମହାରଣା, ଅମୀୟ ପଣ୍ଡା, ଡକ୍ଟର ଶଶୀରଥଙ୍କ ସମେତ ଦୁଇଶହରୁ ଊର୍ଦ୍ଧ୍ୱ ସାହିତ୍ୟିକ ଉପସ୍ଥିତ ଥିଲେ । ସମଗ୍ର କାର୍ଯ୍ୟକ୍ରମ ପରିଚାଳନାରେ ଅମ୍ଳାନ ଶକ୍ତି ପାଳ ଓ ନୂତନ କ୍ରାନ୍ତି ପାଳ ସହଯୋଗ କରିଥିଲେ ।

ଧାନେଶ୍ୱରୀ ପୀଠରେ ଅଚ୍ୟୁତାନନ୍ଦ ମହାପୁରୁଷ ଓ କଳ୍କୀ ଅବତାରଙ୍କ ବ୍ରହ୍ମଏକାକ୍ଷର ମେଳା ଅନୁଷ୍ଠିତ

ପଟ୍ଟାମୁଣ୍ଡାଇ, **୧୬।୩:(ମନ୍ଥନ)** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଅ । ପଞ୍ଚାୟତ ଧାନେଶ୍ୱରୀ ପୀଠରେ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ଗାଦି ଓ କଳ୍କୀ ଅବତାରଙ୍କ ବ୍ରହ୍ମ ଏକାକ୍ଷର ମେଳା ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ପୀଠର ପୀଠାଧୀଶ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ପ୍ରଶାନ୍ତ ପଣ୍ଡା, ସେବକ ରତିକାନ୍ତ ଧଳ, ଗଗନ ମହାଳିକ, କବି ନୃସିଂହ ରାଉତଙ୍କ ତତ୍ତ୍ୱାବଧାନରେ ଓ ରାମଚନ୍ଦ୍ର ସେଠି, ବାସନ୍ତୀ ସେଠିଙ୍କ ପୌରହିତ୍ୟରେ ସଂକ୍ରାନ୍ତି ଉପଲକ୍ଷେ ଆୟୋଜିତ ମେଳାରେ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଭକ୍ତ ଓ ଜନସାଧାରଣ ଯୋଗଦେଇ ପୂଜା ପାଠ କରିଥିଲେ । ଆୟୋଜିତ ମେଳାରେ ୧୫ନମ୍ବର ଜୋନ ର ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ସରୋଜିନୀ ଦାସ, ସୁକାନ୍ତ ରାଉତ, କିଶୋର ରାଉତ, କ୍ଷୀରୋଦ ରାଉତ, ଶିକ୍ଷାବିତ ବିଚିତ୍ରାନନ୍ଦ ବେହେରା, ଅନ୍ତର୍ଯ୍ୟାମୀ ନାୟକ, ହେମନ୍ତ ନାୟକ, କାଶୀନାଥ ମଳିକ, ମନୋସ୍ୱିନୀ ବିଶ୍ୱାଳ, କଳ୍ପତରୁ ନାୟକ, ପଦ୍ମନାଭ ନାୟକ, ସୁଦର୍ଶନ ବିହାରୀ ପ୍ରମୁଖ ଯୋଗ ଦେଇ ଭଗବତ କାର୍ଯ୍ୟରେ ଭାଗ ନେଇ ଥିଲେ । ପଣ୍ଡିତ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ପ୍ରଶାନ୍ତ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୂଜାର ନୀତିକାନ୍ତି ସମ୍ପର୍ଣ୍ଣ ହୋଇଥିଲା । ଶେଷରେ ରାମଚନ୍ଦ୍ର ସେଠି, ବାସନ୍ତି ସେଠି ପୂର୍ଣ୍ଣ ଆହୁତି ପ୍ରଦାନ କରିଥିଲେ ।

ବିଶ୍ୱହିନ୍ଦୁ ପରିଷଦ ବଜରଙ୍କ ଦଳ ପକ୍ଷରୁ ଶୋଭାଯାତ୍ରା ପାଇଁ ପ୍ରାକ ପ୍ରସ୍ତୁତି ବୈଠକ

ଗଞ୍ଜାମ, **୧୬।୩:(ମନ୍ଥନ)** ଗଞ୍ଜାମ ସହର ରାମଲିଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆସନ୍ତା ଶ୍ରୀରାମ ନବମୀରେ ଶ୍ରୀରାମ ମହୋତ୍ସବ ଶୋଭାଯାତ୍ରା ପାଇଁ ଏକ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଗଞ୍ଜାମ ପ୍ରଖଣ୍ଡ ଆନୁକୂଲ୍ୟରେ ସମାଜସେବୀ ପ୍ରଭାତ ସାହୁ ସଭାପତିତ୍ୱ କରିଥିଲେ । ଉକ୍ତ ବୈଠକରେ ହୁମ୍ମା ପ୍ରଖଣ୍ଡ, କୁଶପଲ୍ଲୀ ପ୍ରଖଣ୍ଡ ର ସଦସ୍ୟ ମାନେ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିଲେ । ଉକ୍ତ

କାର୍ଯ୍ୟକ୍ରମରେ କିପରି ଅଧିକରୁ ଅଧିକ ଯୁବ ଗୋଷ୍ଠି ସାମିଲ ହେବେ ସେ ସମ୍ପର୍କରେ ଆଲୋଚନା କରିଥିଲେ । ମନୋଜ ପ୍ରଧାନ, ସୁନିଲ ସାହୁ, ଜିତେଶ ବାରିକି, ଅଙ୍ଗତ ବିଶ୍ୱାଳ, ବିଶ୍ୱନାଥ ମହାଙ୍କୁଡ଼, ଦୀପକ ବେହେରା, ଲିଲୁ ତରାଇ, ଜଗବନ୍ଧୁ ଦାସ, ତରୁ ବେହେରା, କାହ୍ନୁ ନାୟକ, କାର୍ତ୍ତିକ ରେଡି, ବାବୁ ରାଉଳ, ବିକି ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ ।

ସନାତନୀ ନବବର୍ଷ କୁ ପାଳନ କରିବା ପାଇଁ ଦିବ୍ୟାଲୋକ ସନ୍ଧାନେ ' ର ନିବେଦନ

ଦଫୁଲନଖରା, **୧୬।୩:(ମନ୍ଥନ)** ଆଗକୁ ଆସୁଥିବା ଚୈତ୍ର ଶୁକ୍ଳ ପ୍ରତିପଦା ମାର୍ଚ୍ଚ ୧୯ ତାରିଖକୁ ସନାତନୀ ନବ ବର୍ଷ ଭାବେ ପାଳନ କରିବା ପାଇଁ ଅଗ୍ରଣୀ ମାସିକ ଆଧ୍ୟାତ୍ମିକ ପତ୍ରିକା ଦିବ୍ୟାଲୋକ ସନ୍ଧାନେ ପକ୍ଷରୁ ଏକ ପ୍ରେସ ବିବୃତି ରେ ଓଡ଼ିଶାରେ ଥିବା ସ୍କୁଲ, କଲେଜ, କ୍ଲବ, ପାଠାଗାର ଗ୍ରାମ କମିଟି ଆଦି ଅନୁଷ୍ଠାନଗୁଡିକୁ ନିବେଦନ କରାଯାଇଛି । ସେ ଦିନ ଟି ହେଉଛି ପ୍ରକୃତରେ ସନାତନୀ ନବ ବର୍ଷ । ଏହି ଦିନ ବ୍ରହ୍ମା ଙ୍କ ଦ୍ୱାରା ସୃଷ୍ଟିର ସର୍ଜନା ଏବଂ କାଳ ଗଣନା ର ଆରମ୍ଭ ହୋଇଥିଲା । କେବଳ ସେତିକି ନୁହେଁ ପ୍ରଭୁ ଶ୍ରୀରାମ ଓ ଧର୍ମରାଜ ଯୁଧିଷ୍ଠିର ଙ୍କ ରାଜ୍ୟଷଭିଷେକ, ରାଜା ବିକ୍ରମଷଦିତ୍ୟ ଙ୍କ ସିଂହାସନ ଆରୋହଣ ଏବଂ ବିକ୍ରମ ସମ୍ବତ ର ପ୍ରଚଳନ ମଧ୍ୟ ଏହି ଦିନ ଆରମ୍ଭ ହୋଇଥିଲା । କେବଳ ହିନ୍ଦୁଙ୍କର ନୁହେଁ ସୃଷ୍ଟିର ପ୍ରତ୍ୟେକ ମଣିଷଙ୍କ ପାଇଁ ଏହା ହେଉଛି ନବବର୍ଷ । ପହିଲା ଜାନୁଆରୀ ଆଦୌ ନୂଆ ବର୍ଷ ନୁହେଁ । ସେଦିନ କିଛି ବି ନୂଆ ନ ଥାଏ । କିନ୍ତୁ ଚୈତ୍ର ଶୁକ୍ଳ ପ୍ରତିପଦା ସମୟରେ ବୃକ୍ଷମାନେ ନବ ପଲ୍ଲବିତ ହୋଇଥାନ୍ତି । ଅର୍ଦ୍ଧ ରାତ୍ର ରେ ନୁହେଁ, ସକାଳ ର ସୂର୍ଯ୍ୟ ଙ୍କ ପହିଲି ସୁନେଲି କିରଣ ରେ ହିଁ ଆମ ନୂଆ ବର୍ଷ ଆରମ୍ଭ ହୁଏ । ଆମେ କିନ୍ତୁ ପାଶ୍ଚାତ୍ୟ ସଂସ୍କୃତି ରେ ଭାସି ଯାଇ ନିଜ ମହାନ ସଂସ୍କୃତି କୁ ଭୁଲିଯିବାକୁ ବସିଲୁଣି ଯାହା ଅତ୍ୟନ୍ତ ଲଜ୍ଜାକର କଥା । ଅନ୍ୟର ପରମ୍ପରା କୁ ଆପଣେଇବାରେ କାହାକୁ ମନା ନାହିଁ କିନ୍ତୁ ନିଜ ସଂସ୍କୃତି କୁ ପଦାଘାତ କରିବା ଆଦୌ ଉଚିତ ନୁହେଁ ବୋଲି ପତ୍ରିକାର ସମ୍ପାଦକ ଶ୍ରୀସନ୍ନ୍ୟାସୀ ଜୀ ମତବ୍ୟକ୍ତ କରିଛନ୍ତି । ତେଣୁ ଆସନ୍ତା ନୂଆ ବର୍ଷ କୁ ଗୋ -ପୂଜା, ସୂର୍ଯ୍ୟ ନମସ୍କାର, ଗୁରୁଜନ ଙ୍କ ଆଶୀର୍ବାଦ ଭିକ୍ଷା ପୂର୍ବକ ନିଜ ନିଜ ଭିତରେ ଶୁଭେଚ୍ଛା ଜ୍ଞାପନ କରି ପାଳନ କରିବା ପାଇଁ ପତ୍ରିକା ପକ୍ଷରୁ ନିବେଦନ କରାଯାଇଛି ।

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ନାହିଁ ସିସିଟିଭି

କେନ୍ଦ୍ରାପଡ଼ା, **୧୬।୩:(ମନ୍ଥନ)** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଏବେ ବହୁ ଚର୍ଚ୍ଚାରେ । କାରଣ ଏହି ମହାବିଦ୍ୟାଳୟରେ ଚାଲିଥିବା +୨ ବାର୍ଷିକ ପରୀକ୍ଷା କେନ୍ଦ୍ରରେ ସି.ସି. ଟିଭି ବ୍ୟବସ୍ଥା ନାହିଁ । ଯାହାଫଳରେ ପରୀକ୍ଷା ପରିଚାଳାନାକୁ ନେଇ ପ୍ରଶ୍ନ ଉଠିଛି । ସରକାର ଏହି ମହାବିଦ୍ୟାଳୟକୁ କୋଟି କୋଟି ଟଙ୍କା ପ୍ରଦାନ କରୁଛନ୍ତି । କିନ୍ତୁ କ'ଣ ପାଇଁ ପରୀକ୍ଷା କେନ୍ଦ୍ରରେ ଅଧ୍ୟକ୍ଷ ଶାନ୍ତନୁ କୁମାର ଜେନା ସି.ସି. ଟିଭି ଲଗାଇଲେ ନାହିଁ ତାହା ପୂର୍ବତନ ଛାତ୍ରଛାତ୍ରୀ ଓ ଜିଲ୍ଲାର ବୁଦ୍ଧିଜୀବୀମାନଙ୍କୁ ଆନ୍ଦୋଳିତ କରିଛି । ସରକାର ନିର୍ଦ୍ଦେଶ ଦେଇଥିଲେ ଯେ +୨ ପରୀକ୍ଷା କେନ୍ଦ୍ରରେ ସି.ସି. ଟିଭି ଲାଗିବ । ସି.ସି. ଟିଭି ନଜରରେ ପରୀକ୍ଷା ପରିଚାଳନା କରାଯିବ । ଫଳରେ କେନ୍ଦ୍ରର ସ୍ୱଚ୍ଛତା ବଜାୟ ରହିବ । କିନ୍ତୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ସରକାରଙ୍କ ଏହି ଆଦେଶକୁ କର୍ଣ୍ଣପାତ କରୁ ନାହାନ୍ତି । ତେଣୁ ବିନା ସି.ସି.ଟିଭିରେ ପରୀକ୍ଷା ପରିଚାଳନା ହେଉଥିବାରୁ କର୍ତ୍ତୃପକ୍ଷଙ୍କ ମନ୍ଦ ଉଦେଶ୍ୟ ବାରି ହୋଇ ପଡୁଛି । କାହା ସାହସରେ କର୍ତ୍ତୃପକ୍ଷ ଏଭଳି ଆଇନକୁ ଉଲ୍ଲଙ୍ଘନ କରୁଛନ୍ତି ତାହା ବାସ୍ତବିକ ତଦନ୍ତ ସାପେକ୍ଷ । ଜଣେ ପୁରାତନ ଛାତ୍ର ନାମ ଗୋପନ ରଖି ପ୍ରକାଶ କରିଛନ୍ତି ଏହି ମହାବିଦ୍ୟାଳୟରେ ସରକାରୀ ନୀତିନିୟମ ପାଳନ କରାଯାଉନାହିଁ । ଫଳରେ କର୍ତ୍ତୃପକ୍ଷଙ୍କ ଏହି ନିଷ୍ପତ୍ତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ପ୍ରଭାବିତ କରିବ । ଏହା ଦ୍ୱାରା ଜିଲ୍ଲାର ଶିକ୍ଷା ବ୍ୟବସ୍ଥା ବଦନାମ ମୁଣ୍ଡାଇବ । ସରକାର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବେ ବୋଲି ଯାହା ଚିନ୍ତା କରୁଛନ୍ତି ତାହା କାର୍ଯ୍ୟକାରୀ ହେବାରେ ଅନ୍ତରାୟ ସୃଷ୍ଟିହେବ । ଉଦାହରଣ ଭାବେ ଯେପରି କୌଣସି ମହାବିଦ୍ୟାଳୟର କର୍ତ୍ତୃପକ୍ଷ ପରୀକ୍ଷା ବେଳେ ଛାତ୍ରଛାତ୍ରୀଙ୍କୁ କପି ଯୋଗାନ୍ତି ଓ ଏହା ଧରାପଡିଲେ ସଂପୃକ୍ତ ପରୀକ୍ଷା କେନ୍ଦ୍ର (ସ୍କ୍ୟାଚ) ବା ବାତିଲ ହୋଇଯାଏ । ପରବର୍ତ୍ତୀ ସମୟରେ ସେହି କେନ୍ଦ୍ରରେ ଆଉ ପରୀକ୍ଷା ହେବାର ସମ୍ଭାବନା ନଥାଏ ଠିକ ସେହିପରି କେନ୍ଦ୍ରାପଡା ମହାବିଦ୍ୟାଳୟ କର୍ତ୍ତୃପକ୍

ନବଭାରତ ଉଲ୍ଲାସ ସାକ୍ଷରତା' କାର୍ଯ୍ୟକ୍ରମର ବାର୍ଷିକ ପରୀକ୍ଷା ଅନୁଷ୍ଠିତ

ରାମଚଣ୍ଡୀ, **୧୬।୩:(ମନ୍ଥନ)**ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧୀନ ସୁତନ ସାଧନ କେନ୍ଦ୍ର ଅଧୀନ ବିଭିନ୍ନ ବିଦ୍ୟାଳୟରେ 'ନବଭାରତ ସାକ୍ଷରତା' କାର୍ଯ୍ୟକ୍ରମ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ସୁତନ ଉଚ୍ଚପ୍ରାଥମିକ ବିଦ୍ୟାଳୟ ସାଧନ କେନ୍ଦ୍ରରେ ୨୦ ଜଣ, ମଲିଆତୁଠ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ୫ ଜଣ,ତରକୋର ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୫ ଜଣ, ଟିକନା ପ୍ରକଳ୍ପ ବିଦ୍ୟାଳୟରେ ୫ ଜଣ, ବାଲି କପିଳେଶ୍ୱର ଉପ୍ରା ବିଦ୍ୟାଳୟରେ ୫ ଜଣ, ୧୮ରୁ ୮୦ ବର୍ଷର ବ୍ୟକ୍ତିଙ୍କୁ ନେଇ ଆଜି ଏକ ୧୦୦ ମାର୍କ ବେସ୍ ଲାଇନ୍ ବାର୍ଷିକ ପରୀକ୍ଷା କରାଯାଇଥିଲା । ବିଦ୍ୟାଳୟର ନିରୀକ୍ଷକଙ୍କ ଦ୍ୱାରା ସିଆରସିସି ତ୍ରିଲୋଚନ ବେଜଙ୍କ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିଲା । ସୁତନ ସାଧନକେନ୍ଦ୍ରରେ , ଶିକ୍ଷକ ମଦନ ମୋହନ ବଶ୍ୱାଳ,ସନ୍ତୋଷ କୁମାର ଦାଶ ଓ ସ୍ୱେଚ୍ଛାସେବୀ ସୁମିତ୍ରା ସାହୁ ରାଜେଶ କୁମାର ପ୍ରଧାନ, ଟିକନା ପ୍ରକଳ୍ପ ବିଦ୍ୟାଳୟ, ବାଲିକପିଳେଶ୍ୱର ପ୍ରାଥମିକ ବିଦ୍ୟାଳୟର, ମଲିଆତୁଠ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ତରକୋର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ,ସମସ୍ତ ବିଦ୍ୟାଳୟ ଶିକ୍ଷକଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ହୁମ୍ପା ରେ ନାମ ଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ

ଗଞ୍ଜାମ, **୧୬।୩:(ମନ୍ଥନ)**ଗଂଜାମ ବ୍ଲକ୍ ଅନ୍ତର୍ଗତ ହୁମ୍ପା ଗ୍ରାମପଞ୍ଚାୟତ ର ହୁମ୍ପା ଗ୍ରାମରେ ହେବାକୁ ଥିବା ଆସନ୍ତା ଏପ୍ରିଲ ମାସ ୨୨ ତାରିଖ ରୁ ମେ ମାସ ୧ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୦ ଦିନ ଧରି ଅନୁଷ୍ଠିତ ହେବ । ଶ୍ରୀ ଶ୍ରୀ ଶ୍ରୀ ଗୋପୀନାଥ ଦେବଙ୍କର ପୁନଃ ନିର୍ମିତ ଭବ୍ୟ ମନ୍ଦିର ପ୍ରତିଷ୍ଠା ଏବଂ ନୃସିଂହ ମନ୍ଦିର ପ୍ରତିଷ୍ଠା ର ଦ୍ୱାଦଶ ବର୍ଷ ଉପଲକ୍ଷେ ନୃସିଂହ ଚତୁର୍ଦ୍ଦଶୀ ମହୋତ୍ସବ ଓ ମହା ଯଜ୍ଞ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ରବିବାର ହୁମ୍ପା ଗ୍ରାମରେ ସମସ୍ତ ଗ୍ରାମବାସୀ ଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ହୋଇଥିଲା । ଏହି ବୈଠକ ରେ ଯଜ୍ଞ ର ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା । ଏହି ବୈଠକ ରେ ସଭାପତି ଭାବେ ବାବାଜୀ ସାହୁ ଙ୍କୁ ଚୟନ କରାଯାଇଥିବା ବେଳେ ସମ୍ପାଦକ ସହ ସମସ୍ତ ସଭ୍ୟ ମାନଙ୍କ ନାମ ଚୟନ କରାଯାଇଥିଲା । ଏବଂ ସମସ୍ତ ଗ୍ରାମବାସୀ ଙ୍କୁ ନେଇ ଏହି ନାମ ଯଜ୍ଞ ଅନୁଷ୍ଠିତ କରାଯିବ ବୋଲି ଏହି ବୈଠକ ରେ ଆଲୋଚନା କରାଯାଇଥିଲା । ଏହି ନାମ ଯଜ୍ଞ ରେ ମୁଖ୍ୟ ପଣ୍ଡିତ ଅଶୋକ ଶତପଥୀ ଙ୍କ ଦ୍ୱାରା ମନ୍ତ୍ର ପାଠ ପ୍ରଦାନ କରାଯିବ ବୋଲି ଏହି ବୈଠକ ରେ କୁହାଯାଇଛି । ଏବଂ ଆସନ୍ତା ୨୦ ତାରିଖ ଶୁକ୍ରବାର ଦିନ ଯଜ୍ଞ ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି ।ଏହି ଯଜ୍ଞ ରେ ନାମଯଜ୍ଞ, ଗୋ ଯଜ୍ଞ,ଅନ ଯଜ୍ଞ ପାଇଁ ପ୍ରସ୍ତୁତି କରାଯାଇଛି । ଏହି ନାମ ଯଜ୍ଞ ରେ ମୁଖ୍ୟ ଆକର୍ଷଣ ଦେଖିବାକୁ ପାଇବେ ୨୧ ଟି ଠାକୁର ଙ୍କ ମହାମିଳନ ।ଏବଂ ଏହି ବୈଠକ ରେ ଯଜ୍ଞ ପାଇଁ ପ୍ରାକ୍ ପ୍ରସ୍ତୁତି କରାଯାଇଥିବା ବେଳେ ସମସ୍ତେ ନିଜ ନିଜର ମତ ଏହି ବୈଠକ ରେ ପ୍ରକାଶ କରିଥିଲେ । ଏହି ଯଜ୍ଞ ରେ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି ଗ୍ରାମବାସୀ ମାନେ ନିଜ ମତ ରଖିଥିଲେ ।

ତେନ୍ତୁଳିଖୁଣ୍ଟି ଠାରେ ଜନଶୁଣାଣି ଶିବିର ଅନୁଷ୍ଠିତ

ନବରଙ୍ଗପୁର, **୧୬।୩:(ମନ୍ଥନ)**ତେନ୍ତୁଳିଖୁଣ୍ଟି ବ୍ଲକ ସ୍ଥିତ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦ ଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରଓ୍ୱାନ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ବି ଡି ଓ ମନୋଜ ପାଣିଗ୍ରାହୀ ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଜନ ଶୁଣାଣି ଶିବିରରେ ମୋଟ ୩୯ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୩୩ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୬ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା । ୧ ଟି ଅଭିଯୋଗର ସମାଧାନ ତତକ୍ଷଣାତ କରାଯାଇଥିଲା । ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିହ୍ନଟ ଦିବ୍ୟାଙ୍ଗ ମାନଙ୍କୁ ୧୫ ଟି ହୁଇଲ ଚେୟାର ପ୍ରଦାନ କରାଯାଇଥିଲା । ବିଭିନ୍ନ କାରଣରୁ ଅଙ୍ଗହୀନ ହୋଇଥିବା ୨ ଜଣ ଦିବ୍ୟାଙ୍ଗ କୁ କୃତିମ ଅଙ୍ଗ ପ୍ରଦାନ ନିମନ୍ତେ ମାପ ନିଆଯାଇଥିଲା । ସେଭଳି ବିଭିନ୍ନ କାରଣରୁ ଆହତ ଏବଂ ଅକ୍ଷମ ୧୦ଜଣ ରୋଗୀଙ୍କୁ ଉତ୍ତମ ଶାରୀରିକ ଚିକିତ୍ସା ନିମନ୍ତେ ଉନ୍ନତ ପୁନର୍ବାସ କେନ୍ଦ୍ର ରେ ଯନ୍ତ୍ରଣା ଉପଶମ ଓ ଚିକିତ୍ସା ପାଇଁ ପଦକ୍ଷେପ ନିଆଗଲା ।

ମାଲକାନଗିରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ଭବ୍ୟ ବିଦାୟ ସମ୍ବର୍ଦ୍ଧନା

ମାଲକାନଗିରି, **୧୬।୩:(ମନ୍ଥନ)**ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମାଲକାନଗିରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦାଶରଥି ସରାବୁଙ୍କ ଅଧକ୍ଷତାରେ ଏହି ସଭା ଆୟୋଜିତ ହୋଇଥିଲା । ଏହି ଅବସରରେ ମାଲକାନଗିରି ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ ଏବଂ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ସୋମନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେୟ ସୂଚନାଯୋଗ୍ୟ ଯେ, ଶ୍ରୀ ଉପାଧ୍ୟାୟ ମାଲକାନଗିରିରୁ ବଦଳି ହୋଇ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗର ନିର୍ଦ୍ଦେଶକ ଭାବେ ନୂତନ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି । ମାଲକାନଗିରିରେ ମାତ୍ର ୮ ମାସର କାର୍ଯ୍ୟକାଳ ମଧ୍ୟରେ ସେ ନିଜର କାର୍ଯ୍ୟଦକ୍ଷତା ଓ ଜନହିତକର କାର୍ଯ୍ୟ ପାଇଁ ଜିଲ୍ଲାବାସୀଙ୍କ ପ୍ରିୟଭାଜନ ହୋଇପାରିଛନ୍ତି । ବିଶେଷକରି ବଣ୍ଡା ଜନଜାତିଙ୍କ ବିକାଶ ଓ ପର୍ଯ୍ୟଟନ କ୍ଷେତ୍ରରେ ତାଙ୍କର ଦିଗଦର୍ଶନ ସ୍ମରଣୀୟ ହୋଇ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଜିଲ୍ଲାରେ ପ୍ରଥମ ଥର ପାଇଁ ପଞ୍ଚାୟତ ସ୍ତରରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ କରିବାରେ ମଧ୍ୟ ଶ୍ରୀ ଉପାଧ୍ୟାୟଙ୍କ ପ୍ରୟାସ ବେଶ୍ ପ୍ରଶଂସନୀୟ ହୋଇପାରିଥିଲା । ତାଙ୍କର ସ୍ୱଚ୍ଛ ରହଣି ମଧ୍ୟରେ ଜିଲ୍ଲାକୁ ପ୍ରଗତି ପଥରେ ଆଗେଇ ନେବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ, ତହସିଲଦାର, ବିଡିଓ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଯୋଗଦେଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ଜିଲ୍ଲା ସ୍ତରୀୟ ସାଙ୍ଗଠନିକ ବୈଠକ

ବୁଗୁଡା, **୧୬।୩:(ମନ୍ଥନ)**ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ଜିଲ୍ଲା ସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ବିଶ୍ୱ ହିନ୍ଦୁ ପରିଷଦର ଓଡିଶା ପୂର୍ବ ପ୍ରାନ୍ତ ସହସମ୍ପାଦକ ଅରୁଣ କୁମାର ପାଢୀ, ବଜରଙ୍ଗ ଦଳର ଓଡିଶା ପୂର୍ବ ପ୍ରାନ୍ତ ସହସଂଯୋଜକ ରାଜୀବ ନେତ୍ର ଖାଡ଼ଙ୍ଗା ଏବଂ ଗଞ୍ଜାମ ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦର ଉପସଭାନେତ୍ରୀ ମହେଶ୍ୱରୀ ଦୋରା ପ୍ରମୁଖ ଯୋଗ ଦେଇ ମିଳିତ ସଙ୍ଗଠନକୁ ତୃଣମୂଳ ସ୍ତରରେ ଶକ୍ତିଶାଳୀ କରିବା ସହ ହିନ୍ଦୁ ସମାଜର ସୁରକ୍ଷା ଏବଂ ସେବାକାର୍ଯ୍ୟକୁତ୍ୱରାନ୍ୱିତ କରିବା ଦିଗରେ ମାର୍ଗଦର୍ଶନ କରିଥିଲେ । ଏ ଅବସରରେ ବଜରଙ୍ଗ ଦଳର ଘୁମୁସର ଜିଲ୍ଲା ସଂଯୋଜକ ଭାବେ ଚନ୍ଦନ କୁମାର ସ୍ୱାଇଁ ଏବଂ ବିଶ୍ୱ ହିନ୍ଦୁ ପରିଷଦର ଘୁମୁସର ଜିଲ୍ଲା ସହସମ୍ପାଦକ ଭାବେ ରାଜ କିଶୋର ଭୋସଲେଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଏଥି ସହ ବୁଗୁଡା ନଗର ପାଇଁ ସ୍ୱାଧୀନ ନନ୍ଦଙ୍କୁ ସଂଯୋଜକ, ମଦନ ମୋହନ ପାଢୀ ଓ ଶୁଭମ୍ ଦଳେଇଙ୍କୁ ସହସଂଯୋଜକ, ଦଣ୍ଡିଆ । ସାହୁଙ୍କୁ ଗୋରକ୍ଷା ପ୍ରମୁଖ , କାଳିଆ । ପାତ୍ର ଓ ହରିଉ ପାତ୍ରଙ୍କୁ ସହ-ଗୋରକ୍ଷା ପ୍ରମୁଖ , ସଂଗ୍ରାମ ଦାସଙ୍କୁ ବିଦ୍ୟାର୍ଥୀ ପ୍ରମୁଖ, ପ୍ରହଲ୍ଲାଦ ସାସମଲଙ୍କୁ ସୁରକ୍ଷା ପ୍ରମୁଖ, ହର ପ୍ରସାଦ ସାହୁଙ୍କୁ ସହ-ସୁରକ୍ଷା ପ୍ରମୁଖ କାର୍ଯ୍ୟକର୍ତ୍ତା ଭାବେ ଚୟନ କରାଯାଇଥିଲା । ଅନ୍ୟପକ୍ଷରେ ସୋରେନ କୁମାର ପ୍ରଧାନଙ୍କୁ ଜିଲ୍ଲା ସୋସିଆଲ ମିଡିଆ ପ୍ରମୁଖ ଦାୟତ୍ୱ ପ୍ରଦାନ କରାଯାଇଥିବା ବେଳେ ସଂଗଠନର ସୁଦୃଢୀକରଣ ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

ଅନୁଗୋଳ, **୧୬।୩:(ମନ୍ଥନ)**ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଗୋଳ ଅତିରିକ୍ତଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟଙ୍କ ଅଧକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୫୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା ଯସେଥୁମଧ୍ୟରୁ ୪୪ଟି ବ୍ୟକ୍ତିଗତ ଓ ୬ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୫ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ୬ ଜଣଙ୍କୁମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪୦ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନକରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣଆବାସ, ଜମିଜମା ସମ୍ବନ୍ଧୀୟ,ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲକରିଥିଲେ ।

କୂଅରୁ ଯୁବକଙ୍କ ମୃତ ଦେହ ଉଦ୍ଧାର

ଗଞ୍ଜାମ, **୧୬।୩:(ମନ୍ଥନ)**ଗଞ୍ଜାମ ଥାନା ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମ ନିକଟସ୍ଥ ଏକ କୂଅରୁ ଜଣେ ବ୍ୟକ୍ତିଙ୍କ ମୃତ ଦେହ ଉଦ୍ଧାର କରିଛି ପୋଲିସ । ଗତକାଲି କୂଅରେ ଜଣେ ବ୍ୟକ୍ତିଙ୍କ ମୃତ ଦେହ ଭାସୁଥିବା କିଛି ଲୋକ ଦେଖିବା ପରେ ଗଞ୍ଜାମ ଥାନାକୁ ଖବର ଦେଇଥିଲେ । ଖବର ପାଇଁ ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ପାତ୍ର ଘଟଣା ସ୍ଥଳରେ ପହଂଚି ଛକ୍ଷନଭିନ ଆରମ୍ଭ କରିଥିଲେ । ସୋମବାର ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଂଚି କୂଅରୁ ଶବ ଉଦ୍ଧାର କରିଥିଲେ । ଅନ୍ୟପଟେ ସାଇଣ୍ଟି ଫିକ ଟିମ ମଧ୍ୟ କୁକୁର ଧରି ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ମୃତ ବ୍ୟକ୍ତି ବୁଟ ଜିନ୍ସ ପ୍ୟାଣ୍ଟ ସାର୍ଟ ପିନ୍ଧିଥିବା ବେଳେ ପର୍ସରୁ ବ୍ରହ୍ମପୁର ହିଲ ପାଟଣା ଅଞ୍ଚଳର ବୋଲି ଠିକଣା ପୁଲିସ ଜାଣିପାରିଛି । କେହି ଦୁବୃତ୍ତ ତାଙ୍କୁକେଉଁଠିହତ୍ୟା କରିଏଠାରେ (କୂଅରେ)ଫିଙ୍ଗି ଦେଇ ଚାଲି ଯାଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି । ଶବ ବ୍ୟବଚ୍ଛେଦ ପରେ ପ୍ରକୃତ ଘଟଣା ଜଣା ପଡିବ ବୋଲି ଗଞ୍ଜାମ ଥାନା ପୋଲିସ ପକ୍ଷରୁ କୁହା ଯାଇଛି ।

ଜନଗଣନାର ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଅନୁଷ୍ଠିତ

ଅନୁଗୋଳ, **୧୬।୩:(ମନ୍ଥନ)**ଜିଲ୍ଲାରେ ୨୦୨୬ ଜନଗଣନାର ପ୍ରଥମ ପର୍ଯ୍ୟାୟ ଗୃହଗଣନା ଓଗୃହତାଲିକାକରଣ ପାଇଁ କ୍ଷେତ୍ର ପ୍ରଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେବା ନିମନ୍ତେ ସ୍ଥାନୀୟ ବ୍ଲକ୍ ଡାଇମଣ୍ଡ ସମ୍ମିଳନୀକକ୍ଷ ଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ଜନଗଣନା ଅଧିକାରୀଶ୍ରୀ ଅବଦାଲ୍ ମୁହମ୍ମଦ୍ ଅଖତରଙ୍କ ନିର୍ଦ୍ଦେଶ ଅନୁସାରେ ଚଳିତ ମାସ ୧୬,୧୭ ଓ ୧୮ ତାରିଖ ୩ ଦିନ ଧରିଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ପ୍ରଥମ ଦିବସରେ ଅତିରିକ୍ତ ଜିଲ୍ଲାପାଳ ତଥା ଜନଗଣନାଅଧିକାରୀ ଶ୍ରୀ ପ୍ରତାପ ପ୍ରୀତିମୟ ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମର ଉଦଘାଟନ କରି ପ୍ରଶିକ୍ଷକମାନଙ୍କୁଜନଗଣନାର ପ୍ରକୃତ ଉଦ୍ଦେଶ୍ୟ ଓ ମାର୍ଗଦର୍ଶିକା ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟପ୍ରଶିକ୍ଷକ ଭାବେ ଛେଣ୍ଡିପଦା ତହସିଲଦାର ଶ୍ରୀ ମାନସ ରଞ୍ଜନ ରାୟ ଓ ଅନୁଗୋଳ ସ୍ୱୟଂ ଶାସିତମହାବିଦ୍ୟାଳୟର ସହକାରୀ ପ୍ରଫେସର ଶ୍ରୀ ସଞ୍ଜିବ ରାଉତ ୪୪ ଜଣ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ପ୍ରଦାନକରିଥିଲେ । ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟର ଶ୍ରୀ ଦିପକ କୁମାର ତାଲିମ ପ୍ରଦାନରେ ସହାୟତାକରିଥିବାବେଳେ ଡେପୁଟୀ କଲେକ୍ଟର ତଥା ଜନଗଣନା ଅଧିକାରୀ ଶ୍ରୀ ଜୟକୃଷ୍ଣ ପାତ୍ର ତାଲିମ ପରିଚାଳନାକରିଥିଲେ ।

ଅଲିଭ ରିଡଲେଙ୍କ ସାମୂହିକ ଅଣ୍ଡାଦାନ ପର୍ବ

ଗଞ୍ଜାମ **୧୬।୩:(ମନ୍ଥନ)**ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସାମୁଦ୍ରିକ କଇଁଚ ଙ୍କ ଏନ୍ତୁଡ଼ିଶାଳ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା ମୁହାଁଣ ସମୁଦ୍ର ବେଳାଭୂମିରେ ଅଲିଭ ରିଡଲେ ଙ୍କ ସାମୂହିକ ଗଣ ଅଣ୍ଡାଦାନ ପର୍ବର ଦ୍ୱିତୀୟ ରାତ୍ରରେ ୬୯,୯୦୦ ଗୋଟି ମା କଇଁଚ ବେଳାଭୂମି ଉପରକୁ ଉଠିଆସି ଅଣ୍ଡାଦାନ କରିଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି । ପ୍ରଥମ ରାତ୍ରରେ ୧୦,୨୨୦ ଗୋଟି ଅଲିଭ ରିଡଲେ ମାଁ କଇଁଚ ସମୁଦ୍ରର ନୀଳ ଜଳରାଶୀ ମଧ୍ୟରୁ ବେଳାଭୁମି ଉପରକୁ ଉଠିଆସି ଗଣ ଅଣ୍ଡାଦାନ କରିଥିବା ବେଳେ ଦୁଇ ରାତ୍ରରେ ସମୁଦାୟ ୮୦,୧୨୦ ମାଁ କଇଁଚ ଗଣ ଅଣ୍ଡାଦାନ କରିସାରି ଥିବା ଜଣାପଡ଼ିଛି । ଦ୍ୱିତୀୟ ରାତ୍ରରେ ମଧ୍ୟ ଗଞ୍ଜାମ ବ୍ଲକ ଅନ୍ତର୍ଗତଗୋଖରକୁଦା ସମ୍ମୁଖରେ ରହିଥିବା ଆୟର୍ଲ୍ୟାଣ୍ଡ ରେ ଗଣ ଅଣ୍ଡାଦାନ ହୋଇଥିବା ଲକ୍ଷ କରାଯାଇଛି । ପାଗ ମେଘୁଆ ରହିଥିବା ଯୋଗୁଁ ତୃତୀୟ ରାତ୍ରରେ ଗଣ ଅଣ୍ଡାଦାନ ବ୍ୟାଘାତ ହୋଇପାରେ ବୋଲି ପରିବେଶବିତ ମାନେ ଆଶଙ୍କା କରିଛନ୍ତି ।

ଅଙ୍ଗନୱାଡି କର୍ମୀଙ୍କୁ ଦୁର୍ବ୍ୟବହାର : ଥାନାରେ ଅଭିଯୋଗ

ମାହାଙ୍ଗା, **୧୬।୩:(ମନ୍ଥନ)**ପୂର୍ବ ଶତ୍ରୁତାକୁ ନେଇ ଅଙ୍ଗନୱାଡି କର୍ମୀଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗ ତା୦୯.୦୩.୨୦୨୬ରିଖରେ ଭଦ୍ରେଶ୍ୱର ଥାନାରେ ବନ୍ତଳା ଅଙ୍ଗନୱାଡି କର୍ମୀ ଅର୍ପିତା ସାମଲ କରିଥିବା ଜଣାପଡିଛି । ଅଭିଯୋଗ ଜଣାପଡିଛି ଯେ ଗୋପାଳପୁର ପଂଚାୟତ ଅର୍ନ୍ତଗତ ବନ୍ତଳା ଗ୍ରାମର ବନ୍ତଳା ଅଙ୍ଗନୱାଡି କେନ୍ଦ୍ର ପୂର୍ବତନ କର୍ମୀ ବାସନ୍ତୀ ସ୍ୱାଇଁଙ୍କ ଅବସର ପରେ ନୂତନ ଅଙ୍ଗନୱାଡି କର୍ମୀ ନିଯୁକ୍ତି କରାଯାଇଥିଲା । ଏହି ଘଟଣାକୁ ନେଇ ପୂର୍ବତନ ଅଙ୍ଗନୱାଡି କର୍ମୀ ବାସନ୍ତୀ ସ୍ୱାଇଁ,ସ୍ୱାମୀ ଦେବେନ୍ଦ୍ର ସାମଲ ଓ ତାଙ୍କର ପୁତ୍ର ଅସିତ ସାମଲ ଅସନ୍ତୋଷ ପ୍ରକାଶ କରିଥିଲେ । ଅସିତ ସାମଲଙ୍କ ସ୍ତ୍ରୀ ସୁଭଦ୍ରା ସାମଲ ଜାଲ୍ ସାର୍ଟିଫିକେଟ୍ ମାଧ୍ୟମରେ ଅଙ୍ଗନୱାଡି କର୍ମୀ ଭାବେ ନିଯୁକ୍ତି ପାଇଁ ଆବେଦନ କରିଥିଲେ । ବର୍ତ୍ତମାନର ଅଙ୍ଗନୱାଡି କର୍ମୀ ଅର୍ପିତା ସାମଲ ଜାଲ ସାର୍ଟିଫିକେଟ୍ ସଂପର୍କରେ କଟକ ସଦର ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ, ଯାହା ଫଳରେ ଅସିତ ସାମଲଙ୍କ ପତ୍ନୀ ଅଙ୍ଗନୱାଡି କର୍ମୀ ଭାବେ ନିଯୁକ୍ତି ପାଇବାରୁ ବଂଚିତ ହୋଇଥିଲେ । ଗତ ତା୦୯.୦୩.୨୦୨୬ରିଖରେ ବସନ୍ତ ସ୍ୱାଇଁ ଓ ତାଙ୍କର ପୁତ୍ର ଅସିତ ସାମଲ ଅଙ୍ଗନୱ

ମଙ୍ଗଳବାର ୧୭, ମାର୍ଚ୍ଚ ୨୦୨୬, ଭୁବନେଶ୍ୱର
Tuesday, 17 March 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

ରାଷ୍ଟ୍ରପତିଙ୍କୁ ନେଇ ରାଜନୀତି କାହିଁକି ?

ଗୋପାଳ ମହାପାତ୍ର

ଦେଶରେ କ'ଣ କ'ଣ ସବୁ ଘଟୁଛି, କିଏ କ'ଣ ସବୁ କହୁଛି ସେ ପ୍ରସଙ୍ଗରେ ଚିନ୍ତା କଲେ ଜଣାପଡ଼େ ସତେ ଯେମିତି ସବୁ କିଛି ଠିକ୍ ନାହିଁ। ପ୍ରସଙ୍ଗ ହେଉଛି ଦୁଇ ସାମ୍ବିଧାନୀକ ପଦବୀରେ ଅଧିଷ୍ଠିତ ରାଷ୍ଟ୍ରପତି ଓ ପଶ୍ଚିମବଂଗର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ବାକ୍‌ଯୁଦ୍ଧ। କ'ଣ ଏ ଦୁହିଁଙ୍କ ବାକ୍‌ଯୁଦ୍ଧକୁ ନେଇ ସାର୍ବଜନୀକ ବିମର୍ଷର ଆବଶ୍ୟକତା ରହିଛି ? ବିଲକୁଲ ନୁହେଁ। ଘଟଣା ଆରମ୍ଭ ହୋଇଛି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସିଲିଗୁଡ଼ି ଗସ୍ତକୁ ନେଇ। ସେଠାରେ ଆନ୍ତରାଷ୍ଟ୍ରୀୟ ସାନ୍ତାଳ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ରାଷ୍ଟ୍ରପତି ଯୋଗ ଦେଇଥିଲେ। କିନ୍ତୁ ରାଷ୍ଟ୍ରପତିଙ୍କ ଗସ୍ତ ବେଳେ ପଶ୍ଚିମବଂଗର ସରକାର ପ୍ରୋଟୋକଲ ନିୟମ ଉଲଂଘନ କରିଥିଲେ। ସମ୍ମିଳନୀରେ ଆଦିବାସୀଙ୍କ ଉପସ୍ଥିତି କମ୍ ଥିବା କାରଣରୁ ରାଷ୍ଟ୍ରପତି ପ୍ରଶ୍ନ ଉଠାଇଥିଲେ ଯେ ସମ୍ମିଳନୀ ସ୍ଥଳର ପରିବ□ିନ କରାଗଲା କାହିଁକି ? ରାଷ୍ଟ୍ରପତି ମୁର୍ମୁ ଏକଥା ମଧ୍ୟ କହିଥିଲେ ଯେ "ମମତା ମୋର ଛୋଟ ଭଉଣୀ ଭଳି, ମୁଁ ବଙ୍ଗଳାର ଝିଅ, ମୁଁ ଜାଣିନି ସେ କାହିଁକି ଏମିତି କଲେ ? ବୋଧ ହୁଏ ରାଜ୍ୟ ସରକାର ଆଦିବାସୀଙ୍କ କଲ୍ୟାଣକୁ ଗୁରୁତ୍ୱ ଦେଉନାହାଁନ୍ତି।" ରାଷ୍ଟ୍ରପତିଙ୍କ ଏହି ମନ୍ତବ୍ୟ ପରେ ରାଜନୀତି ସରଗରମ ହୋଇ ଉଠିଲା। କେନ୍ଦ୍ରୀୟ ଗୃହ ମନ୍ତ୍ରାଳୟ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ପ୍ରୋଟୋକଲର ଉଲଂଘନ ବାବଦରେ ତଦନ୍ତ ଆରମ୍ଭ କଲେ। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଏପରିକି ତାଙ୍କୁ ସ୍ୱାଗତ କରିବା ପାଇଁ ମୁଖ୍ୟମନ୍ତ୍ରୀ, ରାଜ୍ୟର ମୁଖ୍ୟ ସଚୀବ ଏବଂ ପୋଲିସ ମହାନିର୍ଦ୍ଦେଶକ ଯାଇନଥିଲେ।

ପଶ୍ଚିମବଙ୍ଗ ସରକାର କିନ୍ତୁ ପ୍ରୋଟୋକଲ ଉଲଂଘନ ହୋଇନାହିଁ ବୋଲି ସ୍ପଷ୍ଟି କରଣ ଦେଇଛନ୍ତି କହିଛନ୍ତି ଯେ ସିଲିଗୁଡିର ମେୟର, ସିଲିଗୁଡିର ପୋଲିସ କମିଶନର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ରାଷ୍ଟ୍ରପତିଙ୍କ ସ୍ୱାଗତ ପାଇଁ ଉପସ୍ଥିତ ଥିଲେ। ମାମଲା ଏତିକିରେ ଅଟକିଲା ନାହିଁ। ମମତା ବାନାର୍ଜୀ ରାଷ୍ଟ୍ରପତି ଦେଇଥିବା ମନ୍ତବ୍ୟର ପ୍ରତ୍ୟୁତରରେ କହିଥିଲେ ଯେ "ଆପଣ ଆଦିବାସୀଙ୍କ ଉପରେ ଅତ୍ୟାଚାର ବେଳେ ପ୍ରଶ୍ନ ଉଠାଉନାହାଁନ୍ତି କାହିଁକି ? ନିର୍ବାଚନ ସମୟରେ ବିଜେପିର ପରାମର୍ଶରେ ରାଜନୀତି କରନ୍ତୁ ନାହିଁ, ନିର୍ବାଚନ ନିକଟ ହେବାରୁ ବିଜେପି ପଶ୍ଚିମବଙ୍ଗକୁ ଟାର୍ଗେଟ କରିବାକୁ ଚାହୁଁଛି"। ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ପାଇଁ ତାଙ୍କର ଅନୁପସ୍ଥିତି ପ୍ରସଙ୍ଗରେ ସ୍ପଷ୍ଟିକରଣ ଦେଇ ମମତା କହିଥିଲେ ଯେ ଏସ୍‌ଆଇଆର ପ୍ରସଙ୍ଗରେ ଲୋକଙ୍କ ସହ ଧାରଣାରେ ବସିଥିବାରୁ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବାପାଇଁ ଯାଇପାରି ନଥିଲେ। ଏପରିକି ମମତା ପ୍ରଶ୍ନ କରିଥିଲେ "ମୋର ପ୍ରାଥମିକତା କ'ଣ ହେବା ଉଚିତ୍ ?" ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ସମ୍ମାନ ପ୍ରଦର୍ଶନ କରି ମମତା କହିଥିଲେ ଯେ ରାଷ୍ଟ୍ରପତି ମୁର୍ମୁଙ୍କ ମନ୍ତବ୍ୟ ବିଜେପି ଦ୍ୱାରା ପ୍ରଭାବିତ ଅଟେ ଏବଂ ତାଙ୍କୁ ରାଜନୀତି କରିବା ପାଇଁ ପଶ୍ଚିମବଙ୍ଗ ପଠାଯାଇଛି। ମମତା କହିଥିଲେ ଯେ ଏହି ସମ୍ମିଳନୀ ଏକ ଘରୋଇ ଆୟୋଜନ ଥିଲା ଏବଂ ରାଷ୍ଟ୍ରପତି ଏହି ସମ୍ମିଳନୀରେ ଯୋଗଦେବା ଉଚିତ୍ ନଥିଲେ। ଏପରିକି ରାଜ୍ୟ ସରକାର ରାଷ୍ଟ୍ରପତି ଯୋଗ ଦେବାକୁଥିବା ସମ୍ମିଳନୀର ଆୟୋଜନ ପାଇଁ ପ୍ରସ୍ତୁତ ନଥିଲା। ରାଷ୍ଟ୍ରପତିଙ୍କ ମନ୍ତବ୍ୟ ଓ ମମତାଙ୍କ ଜବାବରେ ମଧ୍ୟ ବିବାଦ ଶେଷ ହୋଇନଥିଲା। ମମତା ବାନାର୍ଜୀ ଅଭିଯୋଗ କରିଥିଲେ ଯେ ବିଜେପି ରାଷ୍ଟ୍ରପତିଙ୍କ ସମ୍ମାନ କରୁନାହିଁ।

ପ୍ରଧାନମନ୍ତ୍ରୀ ଏ ପ୍ରସଙ୍ଗରେ ମନ୍ତବ୍ୟଦେଇ କହିଥିଲେ ଯେ ରାଷ୍ଟ୍ରପତିଙ୍କ ଗସ୍ତ ବେଳେ ପ୍ରୋଟୋକଲ ଉଲଂଘନ ଦୁର୍ଭାଗ୍ୟଜନକ ଏବଂ ତୃଣମୂଳ କଂଗ୍ରେସ ସରକାର ରାଷ୍ଟ୍ରପତିଙ୍କୁ ଅପମାନିତ କରିଛନ୍ତି। କିନ୍ତୁ ତଥ୍ୟ ହେଉଛି ରାଷ୍ଟ୍ରପତି ଆୟୋଜିତ ସମ୍ମିଳନୀକୁ ଯାଇଥିଲେ ଏବଂ ଭାବିଥିଲେ ଯେ ତାଙ୍କ ସ୍ୱାଗତ ସମ୍ବର୍ଦ୍ଧନାକୁ ଅଣଦେଖା କରାଯାଇଛି। ଏ ପ୍ରସଙ୍ଗରେ ରାଜନୈତିକ ସନ୍ଦର୍ଭ ଯାହାବି ହେଉନା କାହିଁକି ରାଷ୍ଟ୍ରପତିଙ୍କ ଗସ୍ତକୁ ରାଜ୍ୟ ସରକାର ଅଣଦେଖା କରିବା ଉଚିତ୍ ନୁହେଁ। ସରକାରୀ କାର୍ଯ୍ୟକ୍ରମ ହେଉ ବା ଘରୋଇ କାର୍ଯ୍ୟକ୍ରମ ରାଜ୍ୟ ସରକାର ରାଷ୍ଟ୍ରପତିଙ୍କ ପାଇଁ ଭିଭିଆଇପି ସୁରକ୍ଷା ବ୍ୟବସ୍ଥା କରିବା ପାଇଁ ବାଧ୍ୟ। ଏହି ଘଟଣା ଅନ୍ୟ ରାଜନୈତିକ ବିବାଦ ଠାରୁ ମଧ୍ୟ ଭିନ୍ନ। ରାଷ୍ଟ୍ରପତି ମୁର୍ମୁ ନିଜେ ସାନ୍ତାଳ ସଂପ୍ରଦାୟର ଅଟନ୍ତି ଏବଂ ସେ ହେଉଛନ୍ତି ଦେଶର ପ୍ରଥମ ଆଦିବାସୀ ରାଷ୍ଟ୍ରପତି। ଏଣୁ ତାଙ୍କ ମନ୍ତବ୍ୟ ଠିକ୍ ହୋଇପାରେ କିନ୍ତୁ ବ□ମାନର ଦେଶର ରାଜନୈତିକ ଦୃଷ୍ୟପଟରେ ଏମିତି ଅନେକ ଘଟଣା ଘଟୁଛି ଯେଉଁଠି ରାଷ୍ଟ୍ରପତି ତାଙ୍କ ଗସ୍ତ ଅବସରରେ ସେ ସବୁ ରାଜ୍ୟର ସରକାରଙ୍କ ଉପରେ ପ୍ରଶ୍ନ ଉଠାଉଛନ୍ତି। ବସ୍ତୁତଃ ଏହି ବିବାଦ ଏକ ଉଷ୍ମତାପୂର୍ଣ୍ଣ ନିର୍ବାଚନୀ ପରିବେଷର ସମୟରେ ସୃଷ୍ଟି ହୋଇଛି ଓ ଘଟଣାରୁ ବିଜେପି ଏବଂ ତୃଣମୂଳ କଂଗ୍ରେସ ଉଭୟେ ଏହାର ଫାଇଦା ଉଠାଇବାକୁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଏକଥା ମଧ୍ୟ ସତ୍ୟ ଯେ ବିଜେପି ତିଳକୁ ତାଳ କରିବାର ଉଦ୍ୟମ କରୁଛି କାରଣ ତୃଣମୂଳ କଂଗ୍ରେସ ସହ ବିଜେପିର ବିବାଦ ନୂଆ ନୁହେଁ। ଏପରିକି ଉଭୟ ଦଳ ଆସନ୍ତା ନିର୍ବାଚନରେ ଗାଦିକୁ ଆସିବାକୁ ଚାହୁଁଛନ୍ତି। ବିଜେପି ଏ ଘଟଣାକୁ ଏକ ସାମ୍ବିଧାନିକ ପ୍ରସଙ୍ଗ ଭାବେ ଉପସ୍ଥାପିତ କରୁଛି ଓ ତୃଣମୂଳ କଂଗ୍ରେସ କହୁଛି ଯେ ପଶ୍ଚିମବଂଗ ସରକାର ବିରୁଦ୍ଧରେ ଏକ ନିୟମିତ ପ୍ରଶାସନିକ ପ୍ରସଙ୍ଗକୁ ଅତିରଞ୍ଜିତ କରାଯାଇ ଉପସ୍ଥାପନ କରାଯାଉଛି। ଏସବୁ ପରେ ଗୋଟିଏ କଥା ହେଉଛି କେନ୍ଦ୍ର ଓ ରାଜ୍ୟ ସରକାର ବୁଝିବା ଉଚିତ୍ ଯେ ପରସ୍ପରର ଅଧିକାର ଏବଂ ସ୍ୱାୟ□ତା ମଧ୍ୟରେ ସନ୍ତୁଳନ ବଜାୟ ରଖିବା ଆବଶ୍ୟକ, ସଂଘୀୟ ପ୍ରଣାଳି ଶକ୍ତି, ଅଧିକାର ଏବଂ ସଞ୍ଚମର ସନ୍ତୁଳନରେ ଚାଲେ। ଏଣୁ ସଂଘର ଇଚ୍ଛା ଏବଂ ରାଜ୍ୟର ଜନାଦେଶ ମଧ୍ୟରେ ସନ୍ତୁଳନ ଅନିବାର୍ଯ୍ୟ ଅଟେ। ଏହି ଘଟଣାକ୍ରମରେ ରାଷ୍ଟ୍ରପତିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ। ସାମ୍ବିଧାନୀକ ପ୍ରହରୀ ଭାବରେ ସେ ଦଳଗତ ରାଜନୀତିର ଉର୍ଦ୍ଧ୍ୱରେ ରହି ଗଣତନ୍ତ୍ରର ମର୍ଯ୍ୟାଦାର ପ୍ରତୀକ ହେବା ଉଚିତ। ମମତାବାନାର୍ଜୀ ମଧ୍ୟ ବୁଝିବା ଉଚିତ୍ ଯେ ରାଷ୍ଟ୍ରପତିଙ୍କ ଅବମାନନା ଦେଶର ଅବମାନନା ଅଟେ। ବିଜେପି ମଧ୍ୟ ରାଷ୍ଟ୍ରପତିଙ୍କୁ ଢ଼ାଲ କରି ରାଜନୀତିରୁ ଦୁରେଇ ରହିବା ଉଚିତ୍। ବିଜେପି ଓ ତୃଣମୂଳ କଂଗ୍ରେସ ବୁଝିବା ଉଚିତ୍ ଯେ ଶାସନ ଗାଦି କାରଣରୁ ଅହଂକାର ସୃଷ୍ଟି ହେଲେ ପତନ ସୁନିଶ୍ଚିତ।

ରାମଚନ୍ଦ୍ରପୁର, ରଣପୁର,
ମୋ:୯୪୩୮୪୮୫୦୯୪

ବିହାର ରାଜନୀତିରେ ନୂଆ ମୋଡ

୨୦୨୫ ନଭେମ୍ବର ୨୦ ତାରିଖରେ ଯେତେବେଳେ ୧୦ମ ଥର ପାଇଁ ବିହାରର ମୁଖ୍ୟମନ୍ତ୍ରୀ ଭାବେ ନୀତିଶ କୁମାର ଶପଥ ଗ୍ରହଣ କରିଥିଲେ, ସେତେବେଳେ ସେ ଦେଶରେ ସର୍ବାଧିକ ଥର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବାର ରେକର୍ଡ ସୃଷ୍ଟି କରିବା ସହ ଚଳିତ ଥର ପୂର୍ଣ୍ଣକାଳୀନ କ୍ଷମତା ଉପଭୋଗ କରିବେ ବୋଲି ଆଶା କରାଯାଉଥିଲା। କହିବା ବାହୁଲ୍ୟ ଯେ, ୨୪୩ ଜଣିଆ ସଦସ୍ୟ ବିଶିଷ୍ଟ ବିଧାନସଭାରେ ଏନଡିଏ ତଥା ବିଜେପି ୮୯ଟି ଆସନରେ ବିଜୟୀ ହୋଇଥିଲାବେଳେ ଜେଡିୟୁ ୮୫ଟି ଆସନ କରିଥିଲା। ମାତ୍ର ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବାର ମାତ୍ର କିଛି ମାସ ପରେ ଦେଶର ଦୀର୍ଘକାଳୀନ ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ନାଟକୀୟ ଭାବେ ରାଜ୍ୟସଭା ପାଇଁ ଗଲା ଗୁରୁବାର ଦିନ ପ୍ରାର୍ଥୀ ପତ୍ର ଦାଖଲ କରିବା ପରେ ନୀତିଶ ପ୍ରକୃତରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ବୋଲି କୁହାଯାଇପାରିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି, ଯେତେବେଳେ ଏନଡିଏ ବିଧାନସଭା ନିର୍ବାଚନରେ ଦୁଇ ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ହାସଲ କରିଥିଲା, ସେତେବେଳେ ତାଙ୍କର ୧୦ମ ଥରର ମୁଖ୍ୟମନ୍ତ୍ରୀତ୍ୱ ଅତି ସ୍ୱଳ୍ପକାଳ ହେବା ନେଇ କେହି ଆଶା କରିନଥିଲେ। ନୀତିଶ ଦଶଥର ଶପଥ ନେଇଥିବା ସତ୍ତ୍ୱେ ଲାଲୁ-ରାବିଡ ଶାସନର ଅବସାନ ଘଟାଇ କେବଳ ୨୦୦୫ରେ ମୁଖ୍ୟମନ୍ତ୍ରୀ ଭାବେ ପୂର୍ଣ୍ଣ ପାଂଚ ବର୍ଷ ଶାସନ କରିଥିଲେ। ଏହା ପରଠାରୁ ସେ ବାରମ୍ବାର ଇସ୍ତଫା ଦେଇ ପୁଣି ମୁଖ୍ୟମନ୍ତ୍ରୀ ହୋଇଥିଲେ। ଦୀର୍ଘ ୨୦ବର୍ଷର ମୁଖ୍ୟମନ୍ତ୍ରୀତ୍ୱ କାଳରେ କେବଳ ୧୦ଥର ଶପଥ ଉତ୍ସବ ଏକ ରେକର୍ଡ ନଥିଲା, ବାରମ୍ବାର ଦଳବଦଳ ତାଙ୍କ ଦୀର୍ଘ କ୍ଷମତା ରାଜନୈତିକ ଜୀବନର ଆଉ ଏକ ରେକର୍ଡ ଥିଲା। ଏହା ନିସନ୍ଦେହ ଯେ, ବାରମ୍ବାର ମତ ପରିବର୍ତ୍ତନ ବା ଦଳବଦଳ, ଜାତିଆଣ ରାଜନୀତି ସତ୍ତ୍ୱେ ବିହାରରେ ତାଙ୍କ ଶାସନ କାଳରେ ସାମାଜିକ ନ୍ୟାୟ। ପ୍ରତିଷ୍ଠାର କେବଳ ପ୍ରବକ୍ତା ନଥିଲେ, ତାଙ୍କ ଶାସନ କାଳରେ ସାମାଜିକ ନ୍ୟାୟ। ପ୍ରତିଷ୍ଠାର କେବଳ ପ୍ରବକ୍ତା ନଥିଲେ, ଜଣେ ସୁଶାସକ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। କ୍ଷୁଦ୍ର ଦଳର ନେତୃତ୍ୱ ନେଇ ସେ ବୃହତ ଗୋଷ୍ଠୀ ବା ଦଳକୁ ପଛରେ ପକାଇ ବାରମ୍ବାର ମୁଖ୍ୟମନ୍ତ୍ରୀ ହେବାର ଗୌରବର ଅଧିକାରୀ ହୋଇଥିଲେ, ଯେଉଁଥିପାଇଁ କି ୨୦୦୫ ପର ଠାରୁ ସେ ବିହାର ରାଜନୀତିରେ କେନ୍ଦ୍ରବିନ୍ଦୁ ଭାବେ ନିଜକୁ ପ୍ରତିଷ୍ଠା କରିବାରେ ସମର୍ଥ ହୋଇଥିଲେ। ଏକ କ୍ଷୁଦ୍ର ମଧ୍ୟମ ଦଳିତ ପଛୁଆ ବର୍ଗ (ଓବିସି)ରୁ ଆସିଥିବା ନୀତିଶ ଲୋକନାୟକ ସ୍ୱର୍ଗତ ଜୟପ୍ରକାଶ ନାରାୟଣଙ୍କ ଉତରାଧିକାରୀ ଥିଲେ, ଯେ କି କେବଳ ଉତ୍କଟ ଜାତିଆଣ ଭେଦଭାବ ନୁହେଁ, ବିଭିନ୍ନ ସ୍ତରରେ ସାମାଜିକ ନ୍ୟାୟ। ପ୍ରତିଷ୍ଠାରେ ପରିବର୍ତ୍ତନ ଆଣିବା ସହ ବିଜେପି ସହ ମେଂଟ କରି ଉଚ୍ଚବର୍ଗ ତଥା ଅଣଯାଦବଙ୍କ ସହ ଓବିସି, ଅତ୍ୟନ୍ତ ପଛୁଆ ବର୍ଗ (ଇବିସି) ଦଳିତ ଓ ମୁସଲିମଙ୍କ ମଧ୍ୟରେ ସାମ୍ପ୍ରଦାୟିକ ସଦ୍‌ଭାବ ପ୍ରତିଷ୍ଠା କରିବାରେ ସମର୍ଥ ହୋଇଛନ୍ତି। ଏହା ନିସନ୍ଦେହ ଯେ, ସାମ୍ପ୍ରତିକ ସମୟରେ ଦେଶରେ ମଦ ସବୁଠାରୁ ଆୟକାରୀ ଉତ୍ସ ଭାବେ ବିବେଚିତ ହୋଇଥିବାବେଳେ ବିହାରରେ ମଦ ନିଷିଦ୍ଧ ତାଙ୍କ ଶାସନର ଏକ ଐତିହାସିକ ପଦକ୍ଷେପ ଥିଲା। ସେହିପରି ମହିଳାଙ୍କ ବିକାଶ ତାଙ୍କ ସରକାର ଏକ ଉଲ୍ଲେଖନୀୟ ସଫଳତା, ମୁଖ୍ୟମନ୍ତ୍ରୀ ବାଳିକା ସାଇକେଲ ଯୋଜନାଠାରୁ ଆରମ୍ଭ କରି ମହିଳାଙ୍କ ଆକାଉଂଟକୁ ୧୦ହଜାର ଟଙ୍କା ପ୍ରଦାନ ଏନଡିଏ ବିଜୟର ମୁଖ୍ୟ କାରଣ ଥିଲା। ଏହା ନିସନ୍ଦେହ, ନୀତିଶ ଏଥର ପୁରାକାର୍ଯ୍ୟକାଳ ପୁରଣ ନକରିବା ତାଙ୍କ ସ୍ୱାସ୍ଥ୍ୟ ଗତ ସମସ୍ୟା ସଂକେତ ପ୍ରଦାନ କରିଥିଲା। ତେବେ ଏ ନେଇ ପ୍ରତ୍ୟାଶା ଠାରୁ ଆଗୁଆ ସେ ମୁଖ୍ୟମନ୍ତ୍ରୀ ପଦରୁ ଓହରିଯିବା ନେଇ ରାଜ୍ୟସଭା ପାଇଁ ପ୍ରାର୍ଥୀପତ୍ର ଦାଖଲରୁ ସ୍ପଷ୍ଟ ସଂକେତ ମିଳିଛି। ଏବେ କେବଳ ଆନୁଷ୍ଠାନିକ ଇସ୍ତଫାକୁ ଅପେକ୍ଷା। ଯାହାକି ବିହାର ରାଜନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ ବୋଲି କୁହାଯାଇପାରେ। ବିହାରରେ ଏନଡିଏରେ ବିଜେପି ସର୍ବବୃହତ ଅଂଶୀଦାର ଥିବାରୁ ନୀତିଶଙ୍କ ସ୍ଥାନରେ ଦଳର ଜଣେ ନେତାଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ କରିବା ନେଇ ଗୋଟିଚାଳନା କରିଛି। କହିବା ବାହୁଲ୍ୟ ଜେଡିୟୁ ପିଠିରେ ଲାଉ ହୋଇ ହୋଇ ବିଜେପି ଏବେ କେବଳ ବିହାରରେ ସର୍ବବୃହତ ଅଂଶୀଦାର ହୋଇନାହିଁ, ରାଜ୍ୟରେ ପ୍ରଭାବ ବିସ୍ତାର କରିବା ସହ ଜେଡିୟୁକୁ ପଛରେ ପକାଇ ଦେଇଛି। ତେବେ ପ୍ରଶ୍ନ ଉଠୁଛି ମୁଖ୍ୟମନ୍ତ୍ରୀ ହେବେ କିଏ ? ଗତ କିଛି ବର୍ଷ ହେଲା ଗୁଜରାଟ, ରାଜସ୍ଥାନ, ହରିଆନା, ମଧ୍ୟପ୍ରଦେଶ, ଛତିଶଗଡ, ଓଡିଶା ଜାତୀୟ ସ୍ତରରେ ଆଦୌ ପରିଚିତ ବା ଜଣାଶୁଣା ନଥିବା ଜଣେ ଜଣେ ବିଧାୟକଙ୍କୁ ଯେପରି ମୁଖ୍ୟମନ୍ତ୍ରୀ ଆସନରେ ବସାଇ କେନ୍ଦ୍ରରୁ ଶାସନ ପରିଚାଳନା କରୁଛି, ସେହିପରି ବିହାରରେ ଜଣେ ଅନାମଧେୟ ବିଧାୟକଙ୍କୁ ଗାଦିରେ ବସାଇବା କିଛି ଅସମ୍ଭବ ନୁହେଁ। ଅନ୍ୟ ପକ୍ଷରେ ଜେଡିୟୁ ନୀତିଶଙ୍କ ପରେ ଦଳର ଦୁଇଜଣଙ୍କୁ ଉପମୁଖ୍ୟମନ୍ତ୍ରୀ ପଦରେ ବସାଇବା ପାଇଁ ଦାବି କରିବା ସମ୍ଭାବନା ରହିଛି। ନୀତିଶ ତାଙ୍କ ପୁଅଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପଦରେ ବସାଇବା ପାଇଁ ଅଭିଳାଷୀ ଥିବା ଚର୍ଚ୍ଚା ହୁଏ। ତେବେ ବିଜେପି ଏହି ଦାବିକୁ ଏଡାଇ ଯାଇନପାରେ। ରାଜ୍ୟସଭା ପାଇଁ ପ୍ରାର୍ଥୀ ହେବା ନେଇ ନୀତିଶ ଯାହା ଦର୍ଶାଇଛନ୍ତି, ତାହାକୁ ମଧ୍ୟ ଅଣଦେଖା କରାଯାଇନପାରେ। ସେ ବହୁବାର ଲୋକସଭାକୁ ନିର୍ବାଚିତ ହୋଇଥିବାବେଳେ ଶେଷଥର ପାଇଁ ୨୦୦୪ରେ ନାଳନ୍ଦା ଲୋକସଭା ଆସନରୁ ନିର୍ବାଚିତ ହୋଇଥିଲେ। ୨୦୦୫ ପ୍ରଥମ ଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏହା ପରଠାରୁ ସେ ଆଉ ନିର୍ବାଚନ ନଲଢି ବିଧାନ ପରିଷଦର ସଦସ୍ୟ ରହିଆସିଥିଲେ। ରାଜ୍ୟସଭାକୁ କେବେହେଲେ ନିର୍ବାଚିତ ହୋଇନଥିଲେ। ରାଜ୍ୟସଭାକୁ ଯିବା ତାଙ୍କର ଅନ୍ତିମ ଇଚ୍ଛା ଥିବା କହିଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ପଦରୁ ଓହରିବା ନେଇ କାରଣ ଯାହା ହେଉ ନାହିଁ କି ନୀତିଶ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ବିହାର ରାଜନୀତିରେ ଏକ ଯୁଗର ଅବସାନ ଘଟିବ, ଏଥିରେ ସନ୍ଦେହ ନାହିଁ।

ଡୋପାମାଇନ୍ ଡିଟକ୍ସ

ପ୍ରଫେସର ଡାକ୍ତର ସମ୍ରାଟ କର

ତୁମେ ନିଶ୍ଚୟ ଲକ୍ଷ୍ୟ କରିଥିବ ଯେ ତୁମର ଦିନ ପୂର୍ବ ପରି ଆରମ୍ଭ ହୁଏ ନାହିଁ। ସକାଳୁ ଉଠିବା ମାତ୍ରେ ତୁମର ମୋବାଇଲ ଦେଖିବା ଆରମ୍ଭ କରିଥାଅ। ଖାଇବା ସମୟରେ ମଧ୍ୟ ମୋବାଇଲରେ ରିଲ ଦେଖିବା ସ୍କ୍ରୋଲ କରିବା ଜାରି ରଖିଥାନ୍ତି ଏବଂ ସଙ୍ଗୀତ ବିନା ଗାଧୋଇବା ଅସମ୍ଭବ। ମୋବାଇଲରେ ୟୁଟ୍ୟୁବ, ହ୍ୱାଟସଆପ ଏବଂ ଇନଷ୍ଟାଗ୍ରାମ ଦେଖିବା ମଧ୍ୟ ଏକ ଅଭ୍ୟାସରେ ପରିଣତ ହୋଇଛି। ଏହା ବ୍ୟତୀତ ଯେତେବେଳେ ତୁମେ ସୋସିଆଲ ମିଡ଼ିଆରେ କୌଣସି ପୋଷ୍ଟ ସେୟାର କର, ତୁମେ ଲୋକଙ୍କ ଲାଇକ ଏବଂ ମନ୍ତବ୍ୟ ଯାଞ୍ଚ କରିବା ପାଇଁ ଏହାକୁ ବାରମ୍ବାର ଖୋଲ। ତୁମେ ସାକାରାତ୍ମକ ମନ୍ତବ୍ୟ ଦେଖି ଖୁସି ହୁଅ କିନ୍ତୁ ନାକାରାତ୍ମକ ମନ୍ତବ୍ୟଗୁଡ଼ିକ ପାଇଁ ଦୁଃଖିତ ହୁଅ। ଏହା ସବୁ ଡୋପାମିନ ଯୋଗୁଁ ହୁଏ। ଯେତେବେଳେ ତୁମେ ସୋସିଆଲ ମିଡ଼ିଆରେ ମତାମତ ପାଅ ଏହି ସମାନ ଡୋପାମିନ ତୁମର ମସ୍ତିଷ୍କରେ ଛୋଟ ଛୋଟ ବିସ୍ଫୋରଣ ସୃଷ୍ଟି କରେ। ଯାହା ତୁମକୁ ଏକ କ୍ଷଣିକ ଖୁସିର ଅନୁଭବ ଦିଏ। ଏହି କ୍ଷଣିକ ଆନନ୍ଦ ପାଇଁ ଏହି ସବୁ ଡିଜାଇନ କରାଯାଇଛି। ଏହା ଆପଣଙ୍କ ମସ୍ତିଷ୍କ ଉପରେ ସିଧାସଳଖ ପ୍ରଭାବ ପକାଏ।

ଆପଣ ନିରନ୍ତର ଉଚ୍ଚ ଡୋପାମାଇନ ଉତ୍ତେଜନାରେ ରୁହନ୍ତି। ଯେଉଁଠାରେ ଛୋଟ ଛୋଟ ଜିନିଷରୁ ମିଳୁଥିବା ଆନନ୍ଦ ମଳିନ ହୋଇଯାଏ। ଏହି କାରଣରୁ ଡୋପାମାଇନ ଡିଟକ୍ସ ନାମକ ଏକ ନୂତନ ଧାରଣା ଉଭା ହୋଇଛି। ଏହା ଏକ ନ୍ୟୁରୋଟ୍ରାନ୍ସମିଟର ଯାହା ମସ୍ତିଷ୍କ କୋଷଗୁଡ଼ିକୁ ବାର୍ତ୍ତା ପଠାଏ, ପ୍ରେରଣା, ଉତ୍ତେଜନା, କୌତୁହଳ ଏବଂ ପୁରସ୍କାରର ଭାବନା ସୃଷ୍ଟି କରେ। ଏହା ଜଣେ ବ୍ୟକ୍ତିଙ୍କୁ ସେମାନଙ୍କ କାମରେ ସନ୍ତୋଷ ଦିଏ ଏବଂ ସେମାନଙ୍କୁ କଠିନ ପରିଶ୍ରମ ଜାରି ରଖିବାକୁ ପ୍ରେରଣା ଦିଏ। କିନ୍ତୁ ସମସ୍ୟା ସେତେବେଳେ ଉପୁଜେ ଯେତେବେଳେ ଏହି ରାସାୟନିକ ପଦାର୍ଥ ବାରମ୍ବାର ଅନିଚ୍ଛାକୃତ ଭାବରେ କେବଳ ବାହ୍ୟ ଉଦ୍ଦୀପନ

ନ୍ୟୁୟର୍କରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନରେ ଯାନ୍ତ୍ରିକ ତ୍ରୁଟି

ନୂଆଦିଲ୍ଲୀ, ୧୬।୩(ଏଜେନ୍ସି): ନ୍ୟୁୟର୍କରୁ ଦିଲ୍ଲୀ ଅଭିମୁଖେ ଆସୁଥିବା ଏୟାର ଇଣ୍ଡିଆ ଇ୩୫୦ ବିମାନରେ ଯାନ୍ତ୍ରିକ ତ୍ରୁଟି । ସୋମବାର ସକାଳେ ଦେଖାଯାଇଥିଲା ଯାନ୍ତ୍ରିକ ତ୍ରୁଟି କାରଣରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଆୟରଲ୍ୟାଣ୍ଡର ଶେଶନ୍ ବିମାନବନ୍ଦରରେ କରିଛି ଜରୁରୀ ଅବରତରଣ। ବିମାନଟି ପ୍ରାୟ ୩୦୦ ଯାତ୍ରୀଙ୍କୁ ନେଇ ଯାତ୍ରା କରୁଥିଲା । ଏୟାର ଇଣ୍ଡିଆର ମୁଖପାତ୍ର କହିଛନ୍ତି, ୧୫ ମାର୍ଚ୍ଚରେ ନ୍ୟୁୟର୍କ (ଜେଏଫ୍କେ)ରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରୁଥିବା ବିମାନ AI୧୦୨କୁ ସମ୍ଭାବିତ ଯାନ୍ତ୍ରିକ ସମସ୍ୟା ପରେ ଆୟରଲ୍ୟାଣ୍ଡ ଆଡକୁ ଡାଇଭର୍ଟ କରାଯାଇଛି । ଏୟାରଲାଇନ୍ସ ଅନୁସାରେ, ବିମାନ ସ୍ଥାନୀୟ ସମୟ ଅନୁସାରେ, ସକାଳ ୪ଟା ୩୦ ମିନିଟରେ ଶେଶନ୍ ଏୟାରପୋର୍ଟରେ ସୁରକ୍ଷିତ ଲ୍ୟାଣ୍ଡିଂ କରାଯାଇଥିଲା । ସବୁ ଯାତ୍ରୀ ଓ ଚାଳକ ଦଳ ସୁରକ୍ଷିତ ଅଛନ୍ତି । ଅସୁବିଧା ପାଇଁ ଆମେ ଦୁଃଖିତ । ଆମେ ନିଜର ଯାତ୍ରୀ ଓ କ୍ରୁ ମେମ୍ବରଙ୍କ ସଦସ୍ୟଙ୍କୁ ସବୁ ଜରୁରୀ ସହାୟତା ଉପଲବ୍ଧ କରିବା ପାଇଁ ଶେଶନ୍ ବିମାନବନ୍ଦର ଅଧିକାରୀ ଓ ସ୍ଥାନୀୟ ଏଜେନ୍ସିଙ୍କ ସହିତ ମିଶିକି କାମ କରୁଛୁ । ମୁଖପାତ୍ର କହିଛନ୍ତି, ବିମାନର ସୁରକ୍ଷା ମାନକ ଅନୁସାରେ, ବିସ୍ତୃତ ଟେକ୍ନୋଲୋଜିର ଯାଞ୍ଚ କରାଯାଉଛି । ଏୟାର ଇଣ୍ଡିଆ କହିଛି ଯାତ୍ରୀଙ୍କ ସୁରକ୍ଷାର ସର୍ବୋଚ୍ଚ ପ୍ରାଥମିକତା ରହିଛି ଓ ଏହାକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯାଇଛି। ଫ୍ଲାଇଟ ଟ୍ରାକିଂ ୱେବସାଇଟ୍ ଫ୍ଲାଇଟରାଡାର ୨୪ର ସଂଖ୍ୟା ଅନୁସାରରେ ବିମାନ ପ୍ରାୟ ୬ ଘଣ୍ଟା ପର୍ଯ୍ୟନ୍ତ ଆକାଶମାର୍ଗରେ ରହିବା ପରେ ଶେଶନ୍ ଆଡକୁ ମୋଡା ଯାଇଛି ।

ଫୋନରେ ଇରାନ ରାଷ୍ଟ୍ରପତିଙ୍କୁ ଚେତାବନୀ ଦେଲେ ମାକ୍ରୋନ

ନୂଆଦିଲ୍ଲୀ, ୧୬।୩(ଏଜେନ୍ସି): ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନଙ୍କ ସହ ଟେଲିଫୋନରେ କଥା ହୋଇଛନ୍ତି । ସେ ମଧ୍ୟପ୍ରାଚ୍ୟରେ ହେଉଥିବା ଆକ୍ରମଣକୁ ତୁରନ୍ତ ବନ୍ଦ କରିବାକୁ କହିଛନ୍ତି । ମାକ୍ରୋନ ଇରାନ ରାଷ୍ଟ୍ରପତିଙ୍କ ସହ ଏପରି ଏକ ସମୟରେ କଥା ହୋଇଛନ୍ତି ଯେତେବେଳେ ଇରାନ ପକ୍ଷରୁ ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ବାହାରିନ ଏବଂ କୁୱେତ ଭଳି ଦେଶ ଉପରେ ଲଗାତାର ଆକ୍ରମଣ କରାଯାଉଛି । ମାକ୍ରୋନ ଇରାନକୁ ଚେତାବନୀ ଦେଇଛନ୍ତି ଯେ, ଉତ୍ତେଜନା କ୍ରମାଗତ ବୃଦ୍ଧି ସମଗ୍ର ଅଞ୍ଚଳକୁ ଗଭୀର ଅସ୍ଥିରତା ଏବଂ ଦୀର୍ଘକାଳୀନ ପରିଣାମ ଆଡ଼କୁ ଠେଲି ଦେଇପାରେ । ମାକ୍ରୋନ କହିଛନ୍ତି, ଇରାନ ଏବଂ ଏହାର ପ୍ରକ୍ସି ସଂଗଠନ ହିଜବୋଲ୍ଲା, ହୁଥି କିମ୍ବା ଅନ୍ୟାନ୍ୟ ମିଲିସିଆ ଦ୍ୱାରା କରାଯାଉଥିବା ଆକ୍ରମଣକୁ ତୁରନ୍ତ ବନ୍ଦ କରନ୍ତୁ।ମାକ୍ରନ୍ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, ମୁଁ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନଙ୍କ ସହ କଥା ହୋଇଛି । ଇରାନ ଏହି ଅଞ୍ଚଳର ଦେଶଗୁଡ଼ିକ ବିରୋଧରେ ସିଧାସଳଖ କିମ୍ବା ଲେବାନନ ଏବଂ ଇରାକ ସମେତ ଏହାର ସହଯୋଗୀ ମାଧ୍ୟମରେ ଯେଉଁ ଅଗ୍ରହଣୀୟ ଆକ୍ରମଣ କରୁଛି ତାହା ତୁରନ୍ତ ବନ୍ଦ

କରିବାକୁ ମୁଁ ତାଙ୍କୁ ଅନୁରୋଧ କରିଛି । ମୁଁ ତାଙ୍କୁ ମନେ ପକାଇ ଦେଇଛି ଯେ ଫ୍ରାନ୍ସ ଏକ ସମ୍ପୂର୍ଣ୍ଣ ପ୍ରତିରକ୍ଷା ଢାଞ୍ଚା ମଧ୍ୟରେ କାର୍ଯ୍ୟ କରେ । ଆମର ଲକ୍ଷ୍ୟ ହେଉଛି ଆମ ସ୍ୱାର୍ଥ, ଆମର ଆଞ୍ଚଳିକ ସହଯୋଗୀ ଦେଶମାନଙ୍କର ସ୍ୱାର୍ଥ ଏବଂ ନୌଚାଳନା ସ୍ୱାଧୀନତା । ଏବଂ ଆମ ଦେଶକୁ ଟାର୍ଗେଟ କରାଯିବା ସମ୍ପୂର୍ଣ୍ଣ ଭାବରେ ଗ୍ରହଣୀୟ ନୁହେଁ । ଆମେ ଯେଉଁ ଉତ୍ତେଜନାର ଅନିୟନ୍ତ୍ରିତ ବୃଦ୍ଧି ଦେଖୁଛୁ ତାହା ସମଗ୍ର ଅଞ୍ଚଳକୁ ଅରାଜକତା ଭିତରକୁ ଠେଲି ଦେଉଛି । ଯାହାର ଗମ୍ଭୀର ପରିଣାମ ଏବେ ଅନୁଭବ କରାଯାଉଛି ଏବଂ ଆଗାମୀ ବର୍ଷଗୁଡ଼ିକରେ ମଧ୍ୟ ଅନୁଭବ କରାଯିବ । ଏହି ଅଞ୍ଚଳର ଅନ୍ୟ ଲୋକଙ୍କ ପରି ଇରାନର ଲୋକମାନେ ମଧ୍ୟ ଯୁଦ୍ଧ ଯୋଗୁ ବହୁମୂଲ୍ୟ ଦେଉଛନ୍ତି । କେବଳ ଏକ ନୂତନ ରାଜନୈତିକ ଏବଂ ସୁରକ୍ଷା ଢାଞ୍ଚା ସମସ୍ତଙ୍କ ପାଇଁ ଶାନ୍ତି ଏବଂ ସୁରକ୍ଷା ସୁନିଶ୍ଚିତ କରିପାରିବ । ଏପରି ଢାଞ୍ଚା ନିଶ୍ଚିତ କରିବା ଉଚିତ ଯେ, ଇରାନ କେବେ ବି ପରମାଣୁ ଅସ୍ତ୍ର ହାସଲ କରିବ ନାହିଁ ଯ ନିଜର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଏବଂ ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ସ୍ତରରେ ଏହାର ଅସ୍ଥିରତା ସୃଷ୍ଟିକାରୀ କାର୍ଯ୍ୟକଳାପ ଦ୍ୱାରା ସୃଷ୍ଟି ହୋଇଥିବା ବିପଦର ମଧ୍ୟ ସମାଧାନ କରିବା ଆବଶ୍ୟକ । ମାକ୍ରନ୍ ଇରାନକୁ ହର୍ମୁଜ୍ ପ୍ରଣାଳୀ ବିଷୟରେ ଚେତାବନୀ ଦେଇ ଲେଖିଛନ୍ତି, ହର୍ମୁଜ୍ ପ୍ରଣାଳୀରେ ଜାହାଜ ଚଳାଚଳ ଯଥାଶୀଘ୍ର ପୁନଃସ୍ଥାପିତ ହେବା ଆବଶ୍ୟକ । ଇରାନ ଏହି ପ୍ରଣାଳୀ ଦେଇ ଯାଉଥିବା ଜାହାଜ ଉପରେ ଆକ୍ରମଣ କରୁଛି, ଯାହା ଫଳରେ ବିଶ୍ୱରେ ଗ୍ୟାସ୍ ଏବଂ ତୈଳ ସଙ୍କଟ ବୃଦ୍ଧି ପାଉଛି ।

ପିଏନଜି କନେକ୍ସନ୍ ନେଲେ ଏଲପିଜି ଉପଭୋକ୍ତାଙ୍କୁ ୫୦୦ ଟଙ୍କା ରିହାତି

ନୂଆଦିଲ୍ଲୀ, ୧୬।୩(ଏଜେନ୍ସି): ଗ୍ୟାସ୍ ଉପଭୋକ୍ତାମାନଙ୍କ ପାଇଁ ଆସିଲା ଖୁସି ଖବର। ଏଣିକି ୫୦୦ ଟଙ୍କାରେ ମିଳିବ ଗ୍ୟାସ୍ ସିଲିଣ୍ଡର । ଏଲପିଜି ଗ୍ୟାସ୍ ସଙ୍କଟ ଧୀରେ ଧୀରେ ବଢୁଥିବା କାରଣରୁ ପିଏନଜି ଗ୍ୟାସକୁ ସରକାର ଅଧିକ ଗୁରୁତ୍ୱ ଦେଇଛନ୍ତି । ଏଥିରେ ଆଇଓଏଲ କହିଛନ୍ତି ଯେ ଏଲପିଜି ଉପଭୋକ୍ତା ପିଏନଜିର କନେକ୍ସନ ନେଉଛନ୍ତି ସେମାନଙ୍କୁ ଗ୍ୟାସ୍ କିଣିବାରେ ୫୦୦ ଟଙ୍କାର ରିହାତି ମିଳିବ । ଦିଲ୍ଲୀର ଏକ ସଭାରେ ଏଲପିଜି ଗ୍ୟାସ୍ ସଙ୍କଟ ବିଷୟରେ ଆଲୋକପାତ କରାଯାଇଛି । ଏବେ ଅବସ୍ଥା ଚିନ୍ତାଜନକ ଅଛି । ସାଧାରଣ ଉପଭୋକ୍ତା ମାନଙ୍କୁ ଏଲପିଜି ଗ୍ୟାସ୍ ବିତରଣ କରାଯିବା ସହ କମର୍ସିଆଲ୍ ଏଲପିଜି ବିତରଣ ଆରମ୍ଭ ହୋଇଛି । ସରକାର ଏହାମଧ୍ୟ କହିଛି ଯେ ଏଲପିଜି ଗ୍ୟାସ ସିଲିଣ୍ଡର ସମସ୍ୟା ଦେଇ ଦେଶ ଏବେ ଗତି କରୁଅଛି । ଭାରତ ସରକାର ୨୪ ତାରିଖରେ ନିର୍ଦ୍ଦେଶ ଦେଇଛନ୍ତି ଯେ ଯାହା ପାଖରେ ପିଏନଜି କନେକ୍ସନ ଅଛି ସେମାନେ ଏଲପିଜି ସିଲିଣ୍ଡର ଦେଇଦିଅନ୍ତୁ । ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଲାଗି ରହିଥିବା ହେତୁ ବିଭିନ୍ନ ଦେଶରେ ଗ୍ୟାସ୍ ସଙ୍କଟ ଦେଖାଦେଇଛି । ଭାରତ ମଧ୍ୟ ଏଥିରୁ ବାଦ୍ ପଡ଼ିନି । ଏବେ ବି ସରକାର ଦାବି କରୁଛନ୍ତି ଯେ ପର୍ଯ୍ୟାପ୍ତ ପରିମାଣରେ ଗ୍ୟାସ୍ ମହଜୁଦ୍ ଅଛି । ଏଥିପାଇଁ ଚିନ୍ତା କରିବାର କୌଣସି କାରଣ ନାହିଁ। ଦେଶରେ ଏଲପିଜି କମ୍ ହେବା ହେତୁ ସରକାରଙ୍କ ତରଫରୁ ସଫେଇ ଦିଆଯାଇଛି କି ଗ୍ୟାସ୍ ଉପଭୋକ୍ତା ମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣରେ ଗ୍ୟାସ୍ ସିଲିଣ୍ଡର ଆମଦାନୀ ହେଉଛି। ସରକାର ଉପଭୋକ୍ତାମାନଙ୍କୁ ଅନୁରୋଧ କରିଛନ୍ତି ଯେ ପିଏନଜି କନେକ୍ସନ କରିବାପାଇଁ । ଆଜି ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରାଳୟ ସୂଚନା ଦେଇଛନ୍ତି ଯେ ଦେଶରେ ପର୍ଯ୍ୟାପ୍ତ ପରିମାଣର ତୈଳ ଉପଲବ୍ଧ ରହିଛି । ସବୁ ପେଟ୍ରୋଲ୍ ପମ୍ପ ସେଥିପାଇଁ ଆଲର୍ଟ୍ ଅଛନ୍ତି ଏବଂ କାମ ମଧ୍ୟ କରୁଛନ୍ତି । କେଉଁଠି ପେଟ୍ରୋଲ ସରିଯିବାର ରିପୋର୍ଟ୍ ଏବେ ପର୍ଯ୍ୟନ୍ତ ଆସିନାହିଁ । ମଧ୍ୟପ୍ରାଚ୍ୟରେ ଯୁଦ୍ଧ ହେଉଥିବା କାରଣରୁ ସାମାନ୍ୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ।

ଆର୍‌ଏସ୍‌ଏସ୍ ଏବଂ ଗୁଇନ୍ଦା ସଂସ୍ଥା 'ର' ଉପରେ ପ୍ରତିବନ୍ଧକ ଲଗାଯାଉ

ନୂଆଦିଲ୍ଲୀ, ୧୬।୩(ଏଜେନ୍ସି): ଯୁକ୍ତରାଷ୍ଟ୍ର ଆନ୍ତର୍ଜାତୀୟ ଧାର୍ମିକ ସ୍ୱାଧୀନତା ଆୟୋଗ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଓ ଗୁଇନ୍ଦା ସଂସ୍ଥା ଗବେଷଣା ଏବଂ ବିଶ୍ଳେଷଣ ୱିଙ୍ଗ୍ (ଆର୍‌ଏଡବ୍ଲୁ)ଉପରେ ପ୍ରତିବନ୍ଧକ ଲଗାଇବାକୁ ଦାବି କରିଛି । ବିଶ୍ୱରେ ଧାର୍ମିକ ସ୍ୱାଧୀନତା ଉପରେ ନଜର ରଖିବା ପାଇଁ ଗଠିତ ଏହି କମିସନ ରିପୋର୍ଟରେ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନକୁ କହିଛି, ଭାରତର ଆର୍‌ଏସ୍‌ଏସ୍ ଓ ଗବେଷଣା ଏବଂ ବିଶ୍ଳେଷଣ ୱିଙ୍ଗ(ର'କୁ ପ୍ରତିବନ୍ଧକ ଲଗାଯିବା ଉଚିତ । କମିସନ ରିପୋର୍ଟରେ ଆର୍‌ଏସ୍‌ଏସ୍ ଏବଂ ଆର୍‌ଏଡବ୍ଲୁର କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠାଇଛି । ଭାରତ ପାଇଁ ଆନ୍ତର୍ଜାତୀୟ ଧାର୍ମିକ ସ୍ୱାଧୀନତା ଆୟୋଗ ଦ୍ୱାରା ଦିଆଯାଇଥିବା ସୁପାରିଶରେ ଆମେରିକୀୟ ନାଗରିକଙ୍କ ନିର୍ଯାତନା ଆଧାରରେ ଭାରତକୁ ଅସ୍ତ୍ରଶସ୍ତ୍ର ବିକ୍ରୟ ବନ୍ଦ କରିବା ସହିତ ଆର୍‌ଏସ୍‌ଏସ୍ ଓ ଆର୍‌ଏଡବ୍ଲୁ ବିରୋଧରେ ଲକ୍ଷ୍ୟଭେଦୀ ପ୍ରତିବନ୍ଧକ ଲଗାଯିବା ଅନ୍ତର୍ଭୁକ୍ତ । ଭାରତ ଏବଂ ଆମେରିକା ମଧ୍ୟରେ ଭବିଷ୍ୟତର ସାମରିକ ତଥା ବାଣିଜ୍ୟ ସମ୍ପର୍କ ଧାର୍ମିକ ସ୍ୱାଧୀନତା ସହିତ ଯୋଡାଯାଉଛି ବୋଲି ରିପୋର୍ଟରେ କୁହାଯାଉଛି । ଆମେରିକାର ପ୍ୟାନେଲ ଆର୍‌ଏସ୍‌ଏସ୍ ବିରୋଧରେ ପ୍ରତିବନ୍ଧକ ଲଗାଇବାକୁ ଅନୁରୋଧ କରିଛି, ଯେଉଁଥିରେ ସମ୍ପତ୍ତିକୁ ଫ୍ରିଜ୍ କରିବା ଏବଂ ସଂସ୍ଥାର ସଦସ୍ୟମାନଙ୍କୁ ଆମେରିକାରେ

ପ୍ରବେଶ କରିବାକୁ ବାରଣ କରିବାକୁ କୁହାଯାଇଛି । ଆର୍‌ଏସ୍‌ଏସ୍ ୧୯୨୫ ମସିହାରୁ ଭାରତରେ କାର୍ଯ୍ୟ କରିଆସୁଛି, ଯାହା ଏହାକୁ ୧୦୦ ବର୍ଷରୁ ଅଧିକ ପୁରୁଣା କରିଦେଇଛି। କମିସନ ଦେଶର ଗୁପ୍ତଚର ସଂସ୍ଥା, ଗବେଷଣା ଏବଂ ବିଶ୍ଳେଷଣ ୱିଙ୍ଗ୍ ବିରୋଧରେ ମଧ୍ୟ ପ୍ରତିବନ୍ଧକ ଲଗାଇବାକୁ ସୁପାରିଶ କରିଛି । ଏହି ସୁପାରିଶଗୁଡ଼ିକ ଚଳିତ ମାସ ପ୍ରାରମ୍ଭରେ ପ୍ରକାଶିତ ଆମେରିକୀୟ ଆୟୋଗ ଅନ୍ ଇଣ୍ଟରନ୍ୟାସନାଲ ରିଲିଜିୟସ୍ ଫ୍ରିଡମର ୨୦୨୬ ବାର୍ଷିକ ରିପୋର୍ଟରେ କରାଯାଇଛି । ଏହା ଏକ ସ୍ୱାଧୀନ ଆମେରିକୀୟ ସଂସ୍ଥା ଯାହା ଧାର୍ମିକ ସ୍ୱାଧୀନତାର ଅଧିକାର ଉପରେ ନଜର ରଖେ ଏବଂ ହ୍ୱାଇଟ୍ ହାଉସକୁ ସୁପାରିଶ ପ୍ରଦାନ କରିଥାଏ । ତେବେ ହ୍ୱାଇଟ୍ ହାଉସ୍ ଏହି ସୁପାରିଶଗୁଡ଼ିକୁ ଗ୍ରହଣ କରିବାକୁ ବାଧ୍ୟ ନୁହେଁ । ଗତ ବର୍ଷ, ୨୦୨୫ ମସିହାରେ, କମିସନ ମଧ୍ୟ ଆର୍‌ଏଡବ୍ଲୁ ଉପରେ ପ୍ରତିବନ୍ଧକ ଲଗାଇବାକୁ ଦାବି କରିଥିଲା । ଏହି ସଂସ୍ଥା ଶିଖ ବିଚ୍ଛିନ୍ନତାବାଦୀଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ରରେ ସାମିଲ ଥିବା ଅଭିଯୋଗ କରାଯାଇଥିଲା । କମିସନ ଗତ ସାତ ବର୍ଷ ଧରି ଭାରତରେ ଧାର୍ମିକ ସ୍ୱାଧୀନତା ଉପରେ ନିରନ୍ତର ପ୍ରଶ୍ନ ଉଠାଇ ଆସୁଛି । କମିସନ ଯେଉଁ ୧୮ଟି ଦେଶକୁ ବିଶେଷ ଚିନ୍ତାର ଦେଶ ଭାବରେ ନାମିତ କରିବାକୁ ସୁପାରିଶ କରିଛନ୍ତି, ଭାରତ ସେହି ଦେଶମାନଙ୍କ ମଧ୍ୟରେ ରହିଛି । ଭାରତ ବ୍ୟତୀତ, ଏହି ତାଲିକାରେ ଆଫଗାନିସ୍ତାନ, ମିଆମାର, ଚୀନ୍, କ୍ୟୁବା, ଏରିଟ୍ରିଆ, ଇରାନ, ଲିବିୟା, ନିକାରାଗୁଆ, ନାଇଜେରିଆ, ଉତ୍ତର କୋରିଆ, ପାକିସ୍ତାନ, ରୁଷ, ସାଉଦି ଆରବ, ସିରିଆ, ତାଜିକିସ୍ତାନ, ତୁର୍କମେନିସ୍ତାନ ଏବଂ ଭିଏତନାମ ସାମିଲ ଅଛନ୍ତି ।

ଇରାନର ଏକ ହଜାର ଲକ୍ଷ୍ୟସ୍ଥଳ ଉପରେ ହେବ ବୋମାମାଡ଼

ନୂଆଦିଲ୍ଲୀ, ୧୬।୩(ଏଜେନ୍ସି): ଇସ୍ରାଏଲ ଆଗାମୀ ଦିନରେ ଇରାନରେ ଆକ୍ରମଣକୁ ତୀବ୍ରତର କରିବା ପାଇଁ ଯୋଜନା ଘୋଷଣା କରିଛି । ଇସ୍ରାଏଲୀ ସେନା କହିଛି, ଆମେ ଆଗାମୀ ତିନି ସପ୍ତାହ ମଧ୍ୟରେ ଇରାନରେ ପ୍ରାୟ ଏକ ହଜାର ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରିବୁ। ଇତିମଧ୍ୟରେ ଇସ୍ରାଏଲ ସାମରିକ ଉପକରଣ କ୍ରୟ ପାଇଁ ୮୨୭ ନିୟୁତ ଡଲାରର ଏକ ଜରୁରୀକାଳୀନ ଯୁଦ୍ଧ ବଜେଟକୁ ଅନୁମୋଦନ କରିଛି । ଇସ୍ରାଏଲର ଏହି ଅନୁମୋଦନ ଇରାନରେ ଯୁଦ୍ଧ ଲମ୍ବା ହେବାର ଆଶଙ୍କା ସୃଷ୍ଟି କରିଛି। ଗତ ୧୭ ଦିନ ଧରି ଚାଲିଥିବା ଯୁଦ୍ଧରେ ପୂର୍ବରୁ ବହୁତ ଧନଜୀବନ ହାନୀ ଘଟିଛି । ଆମେରିକାକୁ କ୍ଷେପଣାସ୍ତ୍ର ଇଣ୍ଟରସେପ୍ଟର ଅଭାବ ବିଷୟରେ ଜଣାଇଥିବା ରିପୋର୍ଟକୁ ଇସ୍ରାଏଲୀ ବୈଦେଶିକ ମନ୍ତ୍ରୀ ଗିଡିଓନ ସାର୍ ଖଣ୍ଡନ କରିଛନ୍ତି । ସାର୍ କହିଛନ୍ତି, ଇସ୍ରାଏଲର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଭଲ ଭାବରେ କାର୍ଯ୍ୟ କରୁଛି ଏବଂ ସେନା ପାଖରେ କ୍ଷେପଣାସ୍ତ୍ର ଇଣ୍ଟରସେପ୍ଟରର କୌଣସି ଅଭାବ ନାହିଁ ।

ଭାରତ ପାଇଁ ହର୍ମୁଜ୍ ଖୋଲ

ନୂଆଦିଲ୍ଲୀ, ୧୬।୩(ଏଜେନ୍ସି): ପଶ୍ଚିମ ଏସୀୟ ସଙ୍କଟ ଯୋଗୁଁ ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ଭାରତ ପାଇଁ ଏକ ପ୍ରମୁଖ ସମସ୍ୟା ହୋଇ ରହିଛି । ଏପରି ପରିସ୍ଥିତିରେ,ଇରାନ ସହିତ ଭାରତ ସିଧାସଳଖ ଆଲୋଚନା କରିବାକୁ ସର୍ବୋତ୍ତମ ମନେ କରିଛି। ଏହି ପରିପ୍ରେକ୍ଷୀରେ, ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଇରାନ ସହିତ ସିଧାସଳଖ କଥା ହୋଇଛନ୍ତି, କାରଣ ହର୍ମୁଜ୍ ପ୍ରଣାଳୀର ସମାଧାନ ପାଇଁ ଏହାଠାରୁ ଭଲ ଉପାୟ ଆଉ ନାହିଁ। ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଏକ ସାକ୍ଷାତକାରରେ କହିଛନ୍ତି, ମୁଁ ବର୍ତ୍ତମାନ ସେମାନଙ୍କ ସହିତ ଆଲୋଚନାରେ ନିୟୋଜିତ ଅଛି, ଏବଂ ମୋର ଆଲୋଚନାରୁ କିଛି ଫଳାଫଳ ମିଳିଛି । ବୈଦେଶିକ ମନ୍ତ୍ରୀଙ୍କ ଏକ ସାକ୍ଷାତକାର ଗଣମାଧ୍ୟମରେ ପ୍ରକାଶିତ ହୋଇଛି । ଏଥିରେ ସେ କହିଛନ୍ତି ଯେ, ଆଲୋଚନା ପର୍ଯ୍ୟାୟ ଜାରି ରହିଛି । ଏହା ମୋ ପାଇଁ ଫଳାଫଳ ଦେଉଛି । ତେବେ ସ୍ୱାଭାବିକ ଭାବରେ ମୁଁ ଏହାକୁ ଦେଖିବି। ଜୟଶଙ୍କର ପୂର୍ବରୁ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚିଙ୍କ ସହ ଫୋନ୍ ମାଧ୍ୟମରେ ଚାରି ଥର କଥା ହୋଇଛନ୍ତି । ହର୍ମୁଜ୍ ପ୍ରଣାଳୀ ଦେଇ ପରିବହନ ବାଧାପ୍ରାପ୍ତ ହେବା ଦ୍ୱାରା ଭାରତ ସମେତ ଅନେକ ଦେଶରେ ଅଶୋଧିତ ତୈଳ ଏବଂ ଗ୍ୟାସ୍ ସଙ୍କଟ ସୃଷ୍ଟି ହୋଇଛି । ନୀରବ କୂଟନୀତି ସାମରିକ ଚାପ ଅପେକ୍ଷା ଅଧିକ ପ୍ରଭାବଶାଳୀ ହୋଇପାରେ । ଭାରତ ଦୃଷ୍ଟିକୋଣରୁ, ଏହା ନିଶ୍ଚିତ ଭାବରେ ଭଲ ଯେ, ଆମେ ନିଜ ନିଜ

ମଧ୍ୟରେ ଯୁକ୍ତି କରିବା, ସମାଧାନ ଖୋଜିବାକୁ ଚେଷ୍ଟା କରିବା । ଯଦି ଅନ୍ୟ ଲୋକମାନେ ଏହିପରି ଭାବରେ ସଂଯୋଗ ହେବାର ସୁଯୋଗ ପାଆନ୍ତି, ତେବେ ମୁଁ ଭାବୁଛି ଏହା ବିଶ୍ୱ ପାଇଁ ମଧ୍ୟ ଭଲ ।ହର୍ମୁଜ୍ ପ୍ରଣାଳୀ ଦେଇ ଦୁଇଟି ଭାରତୀୟ ଏଲ୍ପିଜି ଟ୍ୟାଙ୍କର୍ ଆସିବାକୁ ବୈଦେଶିକ ମନ୍ତ୍ରୀ କୂଟନୈତିକ ପ୍ରୟାସରେ ପ୍ରଗତି ପାଇଁ ଏକ ଉଦାହରଣ ଭାବରେ ବର୍ଣ୍ଣନା କରିଛନ୍ତି । ଭାରତୀୟ ଏଲ୍ପିଜି ଟ୍ୟାଙ୍କର୍ ଶିବାଲିକ୍ ଏବଂ ନନ୍ଦା ଦେବୀ ହର୍ମୁଜ୍ ପ୍ରଣାଳୀ ଦେଇ ଆସି ସାରିଛନ୍ତି ଏବଂ ତୃତୀୟଟି ମଧ୍ୟ ଏହା ଦେଇ ଆସିବାର ସୁଯୋଗ ପାଇଛି । ଶିବାଲିକ୍ ଏବଂ ନନ୍ଦା ଦେବୀ ଜାହାଜଗୁଡ଼ିକ ଭାରତକୁ ପ୍ରାୟ ୯୨,୭୧୨ ମେଟ୍ରିକ୍ ଟନ୍ ଏଲ୍ପିଜି ପରିବହନ କରୁଛନ୍ତି । ଜାହାଜ ମୁନ୍ଦ୍ରା ଏବଂ କାଣ୍ଡଲା ବନ୍ଦରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି । ହର୍ମୁଜ୍ ଦେଇ ସମସ୍ତ ଭାରତୀୟ ପତାକା ଜାହାଜକୁ ଆସିବା ପାଇଁ ଏପର୍ଯ୍ୟନ୍ତ ଅନୁମତି ଦିଆଯାଇ ନାହିଁ । ଏହା ବିନିମୟର ବିଷୟ ନୁହେଁ ବୋଲି ସେ କହିଛନ୍ତି । ଭାରତ ଏବଂ ଇରାନ ମଧ୍ୟରେ ଏକ ସମ୍ପର୍କ ଅଛି, ଏବଂ ଆମେ ଏହି ବିବାଦକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିବେଚନା କରୁଛୁ ବୋଲି ଜୟଶଙ୍କର କହିଛନ୍ତି ।

ଇରାନରୁ ଆର୍ମେନିଆ ଦେଇ ୫୫୦ ଭାରତୀୟଙ୍କୁ ଉଦ୍ଧାର କରାଯାଇଛି

ନୂଆଦିଲ୍ଲୀ, ୧୬।୩(ଏଜେନ୍ସି): ପଶ୍ଚିମ ଏସିଆରେ ଯୁଦ୍ଧ ଲାଗି ରହିଥିବାବେଳେ ଭାରତ ଏହାର ନାଗରିକଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବାକୁ ସମସ୍ତ ପ୍ରୟାସ ଜାରି ରଖିଛି । ଇତିମଧ୍ୟରେ ଇରାନରୁ ୫୫୦ରୁ ଅଧିକ ଭାରତୀୟଙ୍କୁ ଫେରାଇ ଅଣାଯାଇଛି । ଆର୍ମେନିଆ ଦେଇ ଭାରତୀୟମାନେ ନୂଆଦିଲ୍ଲୀ ଫେରିଛନ୍ତି। ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର ସୋମବାର ସ୍ଥଳ ସୀମା ପରିବହନକୁ ସହଜ କରିବା ପାଇଁ ଆର୍ମେନିଆର ସରକାର ଏବଂ ଲୋକଙ୍କୁ ଧନ୍ୟବାଦ ଜଣାଇଛନ୍ତି ।ଜୟଶଙ୍କର ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ଏପରି କଷ୍ଟକର ସମୟରେ ସହାୟତା କରିଥିବାରୁ ଆର୍ମେନିଆର ପ୍ରଶଂସା କରିଥିଲେ । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ

ହୋଣ୍ଡା କାରସ ଇଣ୍ଡିଆ ପକ୍ଷରୁ ସର୍ବଭାରତୀୟ ଟେଷ୍ଟ ରନ ଆରମ୍ଭ

ଭୁବନେଶ୍ୱର, ୧୬ମାର୍ଚ୍ଚ (ନି.ପ୍ର) : ଭାରତରେ ପ୍ରିମିୟମ କାର୍‌ର ଏକ ଅଗ୍ରଣୀ ନିର୍ମାତା ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ (ଏଚସିଆଇଏଲ), ଏହାର ଆଗାମୀ ବ୍ୟାଟେରୀ ଇଲେକ୍‌ଟ୍ରିକ ଭେଇକିଲ (ବିଇଭି) ଏସୟୁଭିର ପ୍ରଥମ ସର୍ବଭାରତୀୟ ସ୍ତରୀୟ ଟେଷ୍ଟ ରନ୍‌ର ଆରମ୍ଭ କରିଛି । ଏହା ହୋଣ୍ଡାର ଇଲେକ୍‌ଟ୍ରିକ ମୋବିଲିଟି ଯାତ୍ରାରେ ଏବଂ ଭାରତୀୟ ଗ୍ରାହକଙ୍କ ପାଇଁ ଏକ ନୂଆ ଇଲେକ୍‌ଟ୍ରିକ ଏସୟୁଭିର ଭବିଷ୍ୟତ ଉନ୍ମୋଚନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ଆରମ୍ଭ କରିଛି । ବିଶ୍ୱବ୍ୟାପୀ ହୋଣ୍ଡା ଜିରୋ ଆଲଫା ଭାବେ ପରିଚିତ ଏହି ମଡେଲର ପ୍ରୋଟୋଟାଇପକୁ ଜାପାନ ମୋବିଲିଟି ଶୋ ୨୦୨୫ରେ ଉନ୍ମୋଚନ କରାଯାଇଥିଲା । ଏହି ଟେଷ୍ଟିଙ୍ଗ ପ୍ରୋଗ୍ରାମ ଜାତୀୟ ରାଜପଥ, ସହରାଂଚଳ ରାସ୍ତା ଓ ଆହ୍ୱାନପୂର୍ଣ୍ଣ ଭୂଭାଗ ସମେତ ଭାରତୀୟ ଚାଳନା ସ୍ଥିତିର ଏକ ବିସ୍ତୃତ ଶୃଙ୍ଖଳାରେ ଏହି ଯାନକୁ ମୂଲ୍ୟାୟନ କରିବ । ସ୍ଥାୟିତ୍ୱ, ପରିଚାଳନା, ଚାଳନା ଆରାମ, ଦକ୍ଷତା ଓ ସାମଗ୍ରିକ ନିର୍ଭରଯୋଗ୍ୟତା ଭଳି

କ୍ଷେତ୍ରଗୁଡ଼ିକୁ ଗୁରୁତ୍ୱ ଦିଆଯାଇଛି । ଏହି ଯାନ ଅତ୍ୟଧିକ ଉତାପ ଓ ମୌସୁମୀ ଋତୁ ସ୍ଥିତିରେ ମଧ୍ୟ ପରୀକ୍ଷଣର ସମ୍ମୁଖୀନ ହେବ ଏବଂ ଦୈନନ୍ଦିନ ଉପଯୋଗିତା ନିଶ୍ଚିତ କରିବା ପାଇଁ ବିଭିନ୍ନ ପ୍ରକାରର ଚାର୍ଜିଙ୍ଗ ଭିତିଭୂମିରେ ଏହାର ଚାର୍ଜିଙ୍ଗ ପ୍ରଦର୍ଶନକୁ ମୂଲ୍ୟାୟନ କରାଯିବ । ଏହି ଅବସରରେ ହୋଣ୍ଡା କାର୍‌ସ ଇଣ୍ଡିଆର ଅଧ୍ୟକ୍ଷ ଓ ସିଇଓ ତାକାସି ନାକାଜିମା କହିଛନ୍ତି, 'ସର୍ବଭାରତୀୟ ସ୍ତରର ପବ୍ଲିକ ରୋଡ ଭେରିଫିକେଶନ ଟେଷ୍ଟିଙ୍ଗର ଆରମ୍ଭ ଆମର ବୈଦ୍ୟୁତିକୀକରଣ ଯାତ୍ରାର ଏକ ପ୍ରମୁଖ ସଫଳତା ଅଟେ । ଭାରତରେ ସ୍ୱତନ୍ତ୍ର ଚାଳନା ଓ ଜଳବାୟୁ ସ୍ଥିତି ରହିଛି ଏବଂ ବାସ୍ତବ ଦୁନିଆର ପରିବେଶଗୁଡିକରେ ଆମର ଇଲେକ୍‌ଟ୍ରିକ ଯାନକୁ ଭଲ ଭାବରେ ପରୀକ୍ଷଣ କରିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ନୂଆ ଇଲେକ୍‌ଟ୍ରିକ ଏସୟୁଭିକୁ ଉଭୟ ସହରାଂଚଳ ଓ ଜୀବନଶୈଳୀ-ଭିତିକ ଚାଳନା ପାଇଁ ବିକଶିତ କରାଯାଇଛି, ଯାହା ଦୈନନ୍ଦିନ ବ୍ୟବହାରର ଏକ ବିସ୍ତୃତ ରେଜୁ ସମର୍ଥନ କରୁଛି । ଭାରତ ଓ ଜାପାନ ଭଳି ପ୍ରମୁଖ ବଜାରଗୁଡିକରେ ଏହି ମଡେଲର ୨୦୨୬-୨୭ ଆର୍ଥିକ ବର୍ଷରେ ଆନ୍ତର୍ଜାତୀୟ ଉନ୍ମୋଚନ ପାଇଁ ଯୋଜନା ରଖାଯାଇଛି । ଏହି ଯାନକୁ ଭାରତରେ ଉତ୍ପାଦନ କରାଯିବ ଏବଂ ଆନ୍ତର୍ଜାତୀୟ ବଜାରଗୁଡିକୁ ରପ୍ତାନୀ କରାଯିବ ।

ଆସାମରେ ୫୨୬ କୋଟି ଟଙ୍କାର ଜଳପଥ ପ୍ରକଳ୍ପର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୧୬ମାର୍ଚ୍ଚ (ନି.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆସାମର ଗୁୱାହାଟୀଠାରେ ଉତର-ପୂର୍ବ ଭାରତର ବିକାଶ ପାଇଁ ଏକ ବଡ଼ ପଦକ୍ଷେପ ସ୍ୱରୂପ ୫୨୬ କୋଟି ଟଙ୍କାର ଚାରିଟି ଗୁରୁତ୍ୱପୂର୍ଣ୍ଣ ଜଳପଥ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ସେ ଗୁୱାହାଟୀର ପାଣ୍ଡୁ ପୋର୍ଟକୁ ଜାତୀୟ ରାଜପଥ-୨୭ ସହିତ ସଂଯୋଗ କରୁଥିବା ଏକ ଆଧୁନିକ ଉଚ୍ଚସ୍ଥିତ ସେତୁ କୁ ଜାତି ଉଦ୍ଦେଶ୍ୟରେ ସମର୍ପିତ କରିଛନ୍ତି । ଏହାସହ ବିଶ୍ୱନାଥ ଘାଟ ଓ ନେଆମତିରେ ନୂତନ କ୍ରୁଜ୍ ଟର୍ମିନାଲ ଏବଂ ଡିବ୍ରୁଗଡ଼ର ବୋଗୀବୀଲଠାରେ ଏକ ଆଂଚଳିକ କେନ୍ଦ୍ର ଅଫ୍ ଏକ୍ସିଲେନ୍ସ ପାଇଁ ଭୂମି ପୂଜନ କରିଛନ୍ତି । ବ୍ରହ୍ମପୁତ୍ର ନଦୀର ଜାତୀୟ ଜଳପଥ-୨ ଉପରେ ଏହିସବୁ ପ୍ରକଳ୍ପଗୁଡ଼ିକ ଭାରତୀୟ ଅ'ର୍ଦ୍ଦେଶୀୟ ଜଳପଥ ପ୍ରାଧିକରଣ ଦ୍ୱାରା ନିର୍ମାଣ କରାଯାଉଛି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହି ପ୍ରକଳ୍ପଗୁଡ଼ିକ କେବଳ ଭିତିଭୂମିର ବିକାଶ ନୁହେଁ, ବରଂ ଆସାମର ପର୍ଯ୍ୟଟନ ଏବଂ

ସ୍ଥାନୀୟ ଅର୍ଥନୀତିକୁ ସମୃଦ୍ଧ କରିବା ପାଇଁ ଏକ ମୁଖ୍ୟ ମାଧ୍ୟମ ସାଜିବ । ଗୁୱାହାଟୀର ଜ୍ୟୋତି-ବିଷ୍ଣୁ ଅଡିଟୋରିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆସାମର ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟ, ମୁଖ୍ୟମନ୍ତ୍ରୀ ଡା. ହିମନ୍ତ ବିଶ୍ୱ ଶର୍ମା ଏବଂ କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଉପସ୍ଥିତ ଥିଲେ । ଶ୍ରୀ ସୋନୋୱାଲ ନିଜ ଅଭିଭାଷଣରେ କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁଁ ଆଜି ଉତର-ପୂର୍ବ ଭାରତ ସମ୍ଭାବନାର ଅଂଚଳରୁ ଉନ୍ନତିର ଅଂଚଳରେ ପରିଣତ ହୋଇଛି ଏବଂ ବ୍ରହ୍ମପୁତ୍ର ନଦୀ ଏବେ ଲକ୍ଷାଧିକ ଲୋକଙ୍କ ପାଇଁ ନୂତନ ସୁଯୋଗର ରାସ୍ତା ଫିଟାଇଛି । ପ୍ରଧାନମନ୍ତ୍ରୀ ଆହୁରୀ କହିଛନ୍ତି ଯେ, ଏହି ପ୍ରକଳ୍ପଗୁଡ଼ିକ ଆସାମର ଯୁବପିଢ଼ିଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ରାଜ୍ୟର ସମୃଦ୍ଧିକୁ ବଢ଼ାଇବ । ଏହାଦ୍ୱାରା ବ୍ରହ୍ମପୁତ୍ର ନଦୀ ଏବେ କେବଳ ଏକ ନଦୀ ହୋଇ ରହିବ ନାହିଁ, ବରଂ ବ୍ୟାପାର ଓ ପର୍ଯ୍ୟଟନ ପାଇଁ ଏକ ବଡ଼ ମାଧ୍ୟମ ସାଜିବ । କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ 'ଆକ୍ଟ ଇଷ୍ଟ ପଲିସି' ଯୋଗୁଁ ବ୍ରହ୍ମପୁତ୍ର ନଦୀ ଏବେ ଆସାମକୁ ଦକ୍ଷିଣ-ପୂର୍ବ ଏସିଆ ସହିତ ଯୋଡ଼ିବ । ଏହି ପ୍ରକଳ୍ପଗୁଡ଼ିକ ଫଳରେ ଜାତୀୟ ଜଳପଥ-୨ ମାଧ୍ୟମରେ ପରିବହନ ଖର୍ଚ୍ଚ କମିବ ଏବଂ ଆଂଚଳିକ ସଂଯୋଗୀକରଣ ଶକ୍ତିଶାଳୀ ହେବ । ଏହା ସମଗ୍ର ଉତର-ପୂର୍ବ ଭାରତ ପାଇଁ ଏକ ପରିବର୍ତ୍ତନଶୀଳ ପଦକ୍ଷେପ ବୋଲି ସେ ପ୍ରକାଶ କରିଛନ୍ତି ।

ଆସାମର ଡିବ୍ରୁଗଡ଼ସ୍ଥିତ ବୋଗୀବୀଲଠାରେ ୧୮୮ କୋଟି ଟଙ୍କା ବିନିଯୋଗରେ ଉତର-ପୂର୍ବ ଭାରତର ପ୍ରଥମ 'ଆଂଚଳିକ କେନ୍ଦ୍ର ଅଫ୍ ଏକ୍ସିଲେନ୍ସ' ପ୍ରତିଷ୍ଠା ହୋଇପାରିଛି । ଏହି ଅତ୍ୟାଧୁନିକ କେନ୍ଦ୍ର ପ୍ରତିବର୍ଷ ୫,୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଜାହାଜ ଚାଳନା, ନାଭିଗେସନ୍ ଏବଂ ମାରିଟାଇମ୍ ଲଜିଷ୍ଟିକ୍ସ ଭଳି ବିଭିନ୍ନ ବୈଷୟିକ କ୍ଷେତ୍ରରେ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ସ୍ୱାବଲମ୍ବୀ କରିବ । ଏଥିସହ ନେଆମତି ଓ ବିଶ୍ୱନାଥ ଘାଟଠାରେ ୧୫୮ କୋଟି ଟଙ୍କା ବ୍ୟୟରେ ଦୁଇଟି ନୂତନ କ୍ରୁଜ୍ ଟର୍ମିନାଲ୍ ନିର୍ମାଣ କରାଯାଉଛି । ଏହି ପ୍ରକଳ୍ପ ଜାତୀୟ ଜଳପଥ-୨ରେ କ୍ରୁଜ୍ ପର୍ଯ୍ୟଟନକୁ ଅଧିକ ଗତିଶୀଳ କରିବା ସହ ଯାତ୍ରୀମାନଙ୍କୁ ଉନ୍ନତ ସୁବିଧା ଯୋଗାଇଦେବ । ଏହି ପଦକ୍ଷେପଗୁଡ଼ିକ ଆସାମର ଭିତିଭୂମିକୁ ସୁଦୃଢ଼ କରିବା ସହ ସ୍ଥାନୀୟ ଅର୍ଥନୀତି ଓ ନିଯୁକ୍ତି କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବ ।

ୟେଜଦି ରୋଡଷ୍ଟରକୁ ମିଳିଲା 'ବାଇକ ଡିଜାଇନ ଅଫ ଦି ଇୟର' ପୁରସ୍କାର

ଭୁବନେଶ୍ୱର, ୧୬ମାର୍ଚ୍ଚ (ନି.ପ୍ର) : ଜାୱା ୟେଜଦି ମୋଟରସାଇକେଲ୍ସର 'ବର୍ଣ୍ଣ ଆଉଟ୍ ଅଫ୍ ଲାଇନ୍' ୟେଜଦି ରୋଡଷ୍ଟର, କାର ଆଣ୍ଡ ବାଇକ୍ ତରଫରୁ 'ବାଇକ ଡିଜାଇନ ଅଫ ଦି ଇୟର' ପୁରସ୍କାର ଜିତିଛି, ଯାହା ମୋଟରସାଇକେଲର ସମ୍ମାନର ବର୍ଦ୍ଧିତ ତାଲିକାରେ ଆଉ ଏକ ପ୍ରମୁଖ ସ୍ୱୀକୃତି ଯୋଡିଛି । ଏହି ବର୍ଷ ପ୍ରାରମ୍ଭରେ, ରୋଡଷ୍ଟରକୁ ଜୀ ମିଡିଆ ଅଟୋ ପୁରସ୍କାରରେ 'ସର୍ବୋତମ ୩୫୦ ମୋଟରସାଇକେଲ' ଭାବରେ ମଧ୍ୟ ନାମିତ କରାଯାଇଛି । କ୍ଲାସିକ ଲେଜେଣ୍ଡର ସହ-ପ୍ରତିଷ୍ଠାତା ବୋମାନ ଇରାନୀ, ଷ୍ଟାଟ ସ୍କୁଲ ଅଫ ଡିଜାଇନ ଇଣ୍ଡିଆର ଡିନ, ପ୍ରସିଦ୍ଧ ଅଟୋମୋଟିଭ୍ ଡିଜାଇନର୍ ଥମାସ ଡାଲଙ୍କ ଠାରୁ ପୁରସ୍କାର ଗ୍ରହଣ କରିଛନ୍ତି । କମ୍ପାନୀର ଡିଜାଇନ୍-ପ୍ରଥମ ଆଭିମୁଖ୍ୟ ୟେଜଦି ରୋଡଷ୍ଟରକୁ ପୂର୍ବାନୁମାନଯୋଗ୍ୟ ରେଟ୍ରୋ ଟେମ୍ପଲେଟ୍ ବାହାରକୁ ନେଇଛି । ୧୨.୫-ଲିଟର ଇନ୍ଧନ ଟ୍ୟାଙ୍କ, ଲିକ୍ୱିଡ୍-କୁଲ୍ଡ ୩୫୦ ସିସି ଆଲଫା୨, ସେଗମେଂଟରେ ପ୍ରଥମ ୬-ସ୍ପିଡ୍ ଗିଅରବକ୍ସ ଏବଂ ହୁଡ୍ ତଳେ

ଆସିଷ୍ଟ ଏବଂ ସ୍ଲିପର କ୍ଲଚ୍ ସହିତ, ରୋଡଷ୍ଟର ଡିଜାଇନ୍ ଆରୋହୀ-ଆରାମକୁ କେନ୍ଦ୍ରରେ ରଖିଥାଏ । ଏହା ଏକ ସୁଗମ ସିଟ୍ ଉଚ୍ଚତା, ପ୍ରଚୁର ଗ୍ରାଉଣ୍ଡ କ୍ଲିୟରାନ୍ସ ଏବଂ ଆରାମଦାୟକ ଏରଗୋନୋମିକ୍ସକୁ ସାମିଲ କରିଛି । ଲମ୍ବା, ନିମ୍ନ, ପ୍ଲାଂଟେଡ ଏବଂ ଉତ୍କୃଷ୍ଟ ଭାବରେ ଡିଜାଇନ୍ କରାଯାଇଥିବା, ମୋଟରସାଇକେଲ୍ ଏକ କ୍ରୁଜରର ସ୍ଥିତିକୁ ଏକ ରୋଡଷ୍ଟରର ଏରଗୋନୋମିକ୍ସ ଏବଂ ଦୈନନ୍ଦିନ ବ୍ୟବହାରଯୋଗ୍ୟତା ସହିତ ମିଶ୍ରଣ କରିଛି ।

ଏସମ୍ପର୍କରେ କ୍ଲାସିକ ଲିଜେଣ୍ଡସରର ସହ-ପ୍ରତିଷ୍ଠାତା ବୋମାନ ଇରାନୀ କହିଛନ୍ତି ଯେ, 'କାର୍ ଆଣ୍ଡ ବାଇକ୍ ଠାରୁ ମିଳିଥିବା ସ୍ୱୀକୃତି ବହୁତ ଗୁରୁତ୍ୱ ରଖେ, ବିଶେଷ କରି ଯେତେବେଳେ କଥା ଡିଜାଇନ୍‌ର ଆସେ । ଭାରତରେ ଜନ୍ମିତ ଏକମାତ୍ର କ୍ଲାସିକ୍ ମୋଟରସାଇକେଲ୍ ବ୍ରାଣ୍ଡ ଭାବରେ, ୟେଜଦି ସର୍ବଦା ପାରମ୍ପରିକ ଢାଂଚାକୁ ଆହ୍ୱାନ ଦେଇଆସିଛି । ରୋଡଷ୍ଟର ସେହି ଭାବନାକୁ ପ୍ରତିଫଳିତ କରୁଛି । ସେହିଭଳି ଜାୱା ୟେଜଦି ମୋଟରସାଇକେଲ୍ସର କନସେପ୍ଟ ଡିଜାଇନ୍ ମୁଖ୍ୟ ଅଖିଳେଶ ମନଚନ୍ଦାନି କହିଛନ୍ତି, 'ଡିଜାଇନ୍ ବ୍ରିଫ୍ କହିବାକୁ ସହଜ ଥିଲା କିନ୍ତୁ କାର୍ଯ୍ୟକାରୀ କରିବା ଆହ୍ୱାନପୂର୍ଣ୍ଣ ଥିଲା । ମଡ୍ୟୁଲାର୍ ପଛ ସିଟ୍ ଥିଲା ଏହି ପଜଲ୍‌ର ସବୁଠାରୁ କଠିନ ଅଂଶ । ୟେଜଡି ରୋଡଷ୍ଟର ଦେଖିବାକୁ ବେଶ୍ ଆକର୍ଷଣୀୟ ଏବଂ ସମ୍ପୂର୍ଣ୍ଣ ଲାଗେ । କ୍ଲାସିକ୍ ମୋଟରସାଇକେଲ୍ ଡିଜାଇନ୍‌କୁ ଆଉ ଟିକିଏ ଆଗକୁ ନେବା ପାଇଁ ଟିମ୍‌ର ପ୍ରୟାସ ଏବଂ ଛୋଟ ଛୋଟ ବିଷୟ ଉପରେ ଦିଆଯାଇଥିବା ଏପରି ଧ୍ୟାନର ଏକ ସ୍ୱୀକୃତି ହେଉଛି ଏହି ପୁରସ୍କାର ।

ଅଷ୍ଟ୍ରେଲୀୟ ମୁଖ୍ୟ ବାଣିଜ୍ୟଦୂତାବାସଙ୍କ ସିଏସଆଇଆର-ଆଇଏମଏମଟି ପରିଦର୍ଶନ

ସିଏସଆଇଆର - ଆଇଏମଏମଟିଓ ଅଷ୍ଟ୍ରେଲିଆ ମଧ୍ୟରେ ବୈଷୟିକ ସହଭାଗିତା ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୬ମାର୍ଚ୍ଚ (ନି.ପ୍ର) : କୋଲକାତାର ଅଷ୍ଟ୍ରେଲୀୟ ମୁଖ୍ୟ ବାଣିଜ୍ୟ ଦୂତ (କନସୁଲ୍ ଜେନେରାଲ୍) ମାନ୍ୟବର ବର୍ଣ୍ଣାଡ୍ଲିଞ୍ଜ୍ ଏବଂ ଅଷ୍ଟ୍ରେଲୀୟ କନସୁଲେଟ୍-ଜେନେରାଲର ବରିଷ୍ଠ ଅର୍ଥନୈତିକ ଅନୁସନ୍ଧାନ ଅଧିକାରୀ ଶ୍ରୀମତୀ ଅନଘା ଭୁବନେଶ୍ୱର ସ୍ଥିତ ସିଏସ୍ଆଇଆର୍-ଇନଷ୍ଟିଚ୍ୟୁଟ୍ଅଫ୍ଇନେରାଲ୍ସ ଅ।ଣ୍ଡ ମ୍ୟାଟେରିଆ।ଲ୍ସ ଟେକ୍ନୋଲୋଜି (ସିଏସଆଇଆର-ଆ।ଇଏମଏମଟି) ପରିଦର୍ଶନ କରିଛନ୍ତି । ସେ ସିଏସଆଇଆର-ଆ।ଇଏମଏମଟିର ନିର୍ଦ୍ଦେଶକ ଡକ୍ଟର ରାମାନୁଜ ନାରାୟଣ ଏବଂ ବରିଷ୍ଠ ବୈଜ୍ଞାନିକ ମାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦ ଏବଂ ଉନ୍ନତ ଖଣିଜ ପ୍ରକ୍ରିୟାକରଣ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ-ଅଷ୍ଟ୍ରେଲିଆ ସହଯୋଗକୁ ସୁଦୃଢ଼ କରିବା ବିଷୟରେ ଆଲୋଚନା କରିଥିଲେ । ଏହି ପରିଦର୍ଶନ ସମୟରେ, ମାନ୍ୟବର ଲିଞ୍ଜଅନୁଷ୍ଠାନର ବିଭିନ୍ନ ବିଭାଗ ବୁଲି ଦେଖିଥିଲେ, ଯେଉଁଥିରେ ଖଣିଜ ଏବଂ ପଦାର୍ଥ ଗୁଣ ନିର୍ଦ୍ଧାରଣ ବିଭାଗ, ଖଣିଜ ପ୍ରକ୍ରିୟାକରଣ ବିଭାଗ ଏବଂ ହାଇଡ୍ରୋ,

ବାୟୋ ଓ ଇଲେକ୍ଟ୍ରୋମେଟାଲର୍ଜି ବିଭାଗଅନ୍ତର୍ଭୁକ୍ତ ଏଥିସହ ସେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପ୍ରଯୁକ୍ତିବିଦ୍ୟା ବିକାଶ କ୍ଷେତ୍ରରେ ଚାଲିଥିବା ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ । ବ୍ୟବସାୟ ବିକାଶ ଏବଂ ସିଏସଆଇଆର-ଆ।ଇଏମଏମଟି'ସେଣ୍ଟର ଅଫ୍ ଏକ୍ସଲେନ୍ସ'ର ମୁଖ୍ୟ ଡ. କାଳୀ ସଞ୍ଜୟ, ଅଷ୍ଟ୍ରେଲିଆ-ଭାରତ ଷ୍ଟ୍ରାଟେଜିକ ସର୍ଚ୍ଚ ଫଣ୍ଡ ମାଧ୍ୟମରେ ଅ।ଡିଲେଡ୍ଶ୍ୱ ବିଦ୍ୟାଳୟ ଏବଂ ଅଷ୍ଟ୍ରେଲିଆ।ର କମନୱେଲଥ୍ ବୈଜ୍ଞାନିକ ଏବଂ ଶିଳ୍ପ ଗବେଷଣା ସଂଗଠନଭଳି ପ୍ରମୁଖ ଅଷ୍ଟ୍ରେଲୀୟଅନୁଷ୍ଠାନଗୁଡ଼ିକ ସହ ସିଏସଆ।ଇଆ।ର-ଆ।ଇଏମଏମଟିର ଚାଲିଥିବା ସହଯୋଗ ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ସେ ମାନ୍ୟବର ବର୍ଣ୍ଣାଡ୍ଲି ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦ କ୍ଷେତ୍ରରେ ଭାରତ-ଅଷ୍ଟ୍ରେଲିଆ। ମଧ୍ୟରେ ବୃଦ୍ଧି ପାଉଥିବା ସହଯୋଗକୁ ପ୍ରଶଂସା କରିଥିଲେ । ଏଥିସହିତ ଯୁଗ୍ମ ଗବେଷଣା, ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ପ୍ରଶିକ୍ଷଣ ଏବଂ ବୈଷୟିକ ଜ୍ଞାନକୌଶଳର ଆ।ଦାନପ୍ରଦାନ ମାଧ୍ୟମରେ ଏହି ସମ୍ପର୍କକୁ ଅଧିକ ନିବିଡ଼ କରିବାର ସୁଯୋଗ ରହିଛି ବୋଲି ସେ ଉଲ୍ଲେଖ କରିଥିଲେ । ଶେଷରେ ସିଏସଆ।ଇଆ।ର - ଆ।ଇଏମଏମଟି ପରିସରରେ ଏକ ବୃକ୍ଷରୋପଣ କରାଯାଇଥିଲା, ଯାହା ସ୍ଥାୟୀ ବିକାଶ ଏବଂ ନିରନ୍ତର ବୈଜ୍ଞାନିକ ସହଯୋଗ ପ୍ରତି ଉଭୟ ଦେଶର ପ୍ରତିବଦ୍ଧତାକୁ ସୂଚାଉଛି ।

ବଜାରରେ କେନଷ୍ଟାରର ନୂଆ ୫-ଷ୍ଟାର ବିଇଇ ରେଟେଡ୍ ଏୟାର କୁଲର ପ୍ରବେଶ

ଭୁବନେଶ୍ୱର, ୧୬ମାର୍ଚ୍ଚ (ନି.ପ୍ର): ଭାରତର ଏକ ବିଶ୍ୱସନୀୟ ଗୃହୋପକରଣ ବ୍ରାଣ୍ଡ କେନଷ୍ଟାର ଶକ୍ତିସଞ୍ଚୟ ଏବଂ ଉନ୍ନତ ଶୀତଳତା ପ୍ରଯୁକ୍ତି ସହିତ ଭାରତର ପ୍ରଥମ ୫-ଷ୍ଟାରବିଇଇରେଟେଡ୍ ଏୟାର କୁଲର ଶ୍ରେଣୀକୁ ଲଞ୍ଚକରିଛି । ଏହା ସହିତ ୫ ବର୍ଷର ୱାରେଣ୍ଟି ସୁବିଧା ମଧ୍ୟ ଦିଆଯାଇଛି, ଯାହା ଶକ୍ତିଦକ୍ଷତା ଓ ଦୀର୍ଘକାଳୀନ ବିଶ୍ୱସନୀୟତାରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି । ତିନି ଦଶକର ଐତିହ୍ୟ ନେଇ କେନଷ୍ଟାର ଗ୍ରାହକଙ୍କୁ ଶକ୍ତିସଞ୍ଚୟ ସହିତଉତ୍ତମକାର୍ଯ୍ୟ ଦକ୍ଷତା ଯୋଗାଇବାର ଲକ୍ଷ୍ୟରେ ଏହି ନୂଆ ଶ୍ରେଣୀ ଆଣିଛି । ଏହା ମାଧ୍ୟମରେ ଗ୍ରାହକ ମାନେ ବିଜୁଳି ବିଲ କମେଇବା ସହିତ ଉନ୍ନତ ଶୀତଳତାର ଅନୁଭବ ପାଇପାରିବେ । ଏହି ଶୁଭାରମ୍ଭ ସହିତ କେନଷ୍ଟାର ଅଭିନେତା ରାଜ କୁମାରରା ଓ ଏବଂ ଅଭିନେତ୍ରୀ ପତ୍ରଲେଖାଙ୍କୁ ନେଇ ଏକ ବିଶେଷ ପ୍ରଚାର ଅଭିଯାନ ଆ।ରମ୍ଭ କରିଛି । ଭାରତର ପ୍ରଥମ ୫-ଷ୍ଟାର ଶକ୍ତିସଞ୍ଚୟ ଏବଂ ୫ ବର୍ଷରୱାରେଣ୍ଟି ବାର୍ତ୍ତାକୁଲୋକ ମାନଙ୍କ ପହଞ୍ଚାଇବା ଏହାର ଲକ୍ଷ୍ୟ । କେନଷ୍ଟାରର ଏହି ନୂଆ । ଶ୍ରେଣୀରେ ୫୦ରୁ ଅଧିକ ଏୟାର କୁଲର ମଡେଲ ରହିଛି, ଯାହା ଘରୋଇ ଏବଂ

ବାଣିଜ୍ୟିକ ସ୍ଥାନ ପାଇଁ ଉପଯୁକ୍ତ । ଏଥିରେ ବିଏଲଡି ସିମ୍ୟାକ୍ସ ଟେକ୍ନୋଲୋଜି, କ୍ୱାଡ୍ରା ଏୟାରଫ୍ଲୋସିଷ୍ଟମ୍, ହାଇଡ୍ରୋଡେନ୍ସ ମେଶ୍ଚୁନି କମ୍ପୁଲିଙ୍ଗପ୍ୟାଡ୍ ଏବଂ ଡବଲ ବଲ ବିୟରିଂ ମୋଟର ଭଳି ଆଧୁନିକ ବୈଶିଷ୍ଟ୍ୟ ରହିଛି, ଯାହା ଦୀର୍ଘ ସ୍ଥାୟୀ କାର୍ଯ୍ୟଦକ୍ଷତା ଓ ଉତ୍ତମବାୟୁ ପ୍ରବାହ ସୁନିଶ୍ଚିତ କରେ । କେନଷ୍ଟାରର ସିଇଓ ସୁନୀଲ ଜୈନ କହିଛନ୍ତି, ନବସୃଜନ କେବଳ ପ୍ରଯୁକ୍ତି ଉପରେ ନୁହେଁ, ଦୈନନ୍ଦିନ ଜୀବନକୁ ସହଜ ଓ ସୁବିଧା ଜନକ କରିବାରେ ଏହାର ଲକ୍ଷ୍ୟ ରହିଛି । ଏହି ନୂତନ କୁଲର ଶ୍ରେଣୀ ଉଚ୍ଚ କାର୍ଯ୍ୟଦକ୍ଷତା, ଶକ୍ତି ଦକ୍ଷତା ଓ ଦୀର୍ଘକାଳୀନ ବିଶ୍ୱସନୀୟତାକୁ ଏକାଠି କରିଛି । ଏହି ଶ୍ରେଣୀରେ ମେଗା ଡେଜର୍ଟକୁଲର, ଡେଜର୍ଟକୁଲର, ଟାୱାର କୁଲର, ପର୍ସନାଲ କୁଲର, ଟ୍ରଲିକୁଲର, ୱିଣ୍ଡୋକୁଲର ଏବଂ ଟେବୁଲ ଟପ୍ଲୁଲର ଭଳି ବିଭିନ୍ନ ବିକଳ୍ପ ମିଳିବ । ସମଗ୍ର ଦେଶରେ କେନଷ୍ଟାରର ୫୬୦ରୁ ଅଧିକ ସେବା କେନ୍ଦ୍ର, ୨୯ଟି ଶାଖା ଓ ୧୮ ଟି ଗୋଦାମ ସହିତ ଶକ୍ତିଶାଳୀ ସେବା ନେଟୱାର୍କ ରହିଛି । ଏହି ଉତ୍ପାଦ ଗୁଡିକ ଇ-କମର୍ସ, କ୍ୱି କ୍ମର୍ସ, ଡି୨ସିଚ୍ୟାନେଲ ଓ ଅଫଲାଇନ ଖୁଚୁରା ବଜାରରେ ଉପଲବ୍ଧହେବ ।

ପୁରୀ ଷ୍ଟେସନରେ ଭିତ୍ତିଭୂମି ଉନ୍ନତିକରଣ ପାଇଁ ଟ୍ରେନ ଗୁଡିକରେ ପରିବର୍ତ୍ତନ

ଭୁବନେଶ୍ୱର, ୧୬ମାର୍ଚ୍ଚ (ନି.ପ୍ର): ଯାତ୍ରୀ ସୁବିଧା ଏବଂ କାର୍ଯ୍ୟକ୍ଷମ ଦକ୍ଷତା ବୃଦ

ସ୍ଥାୟୀ ନିଯୁକ୍ତି ଦାବିରେ ଆଉଟସୋର୍ସିଂ କର୍ମଚାରୀଙ୍କ ଧାରଣା

ପାରାଦୀପ, ୧୬।୩ (ନି.ପ୍ର): ସ୍ଥାୟୀ ନିଯୁକ୍ତି ଦାବିକରି ମେଡିକାଲ ସମ୍ମୁଖରେ ଦୁଇଘଣ୍ଟିଆ। ଧାରଣାରେ ବସିଛନ୍ତି ମେଡିକାଲ ରେ କାର୍ଯ୍ୟରତ ଆଉଟସୋର୍ସିଙ୍ଗ କର୍ମଚାରୀ। ଦୀର୍ଘ ବର୍ଷ ଧରି ଏହି ଆଉଟସୋର୍ସିଙ୍ଗ କର୍ମଚାରୀ ମାନେ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ଏମାନଙ୍କୁ ଅନ୍ୟ କର୍ମଚାରୀ ମାନଙ୍କ ଭଳି ସୁବିଧା ସୁଯୋଗ ମିଳିବାତ ଦୂରର କଥା ଦରମା ଯେତିକି ମିଳୁଛି ସମୁଦ୍ରକୁ ଶଙ୍ଖେ ପରି ଦରମାରେ ନିଜେ ଚଳିବା କଷ୍ଟକର ହୋଇ ପଡିଥିଲା ବେଳେ ପରିବାର ପ୍ରତିପୋଷଣ ରେ ବିରାଟ ସମସ୍ୟା ଉପୁଜି ବାରୁ ପରିବାରରେ ଆସନ୍ତି ସୀମା ସହରଦ ପାଲଟି ଯିବାରୁ ଧାରଣା ଦେବାକୁ ପରିସ୍ଥିତି ବାଧ୍ୟ କରିଛି ବୋଲି କହିଛନ୍ତି କର୍ମଚାରୀ ଅପରପକ୍ଷେ ଆଠ ଘଣ୍ଟା ଡିଉଟି କରି ଦରମା ମିଳିଲା ବେଳକୁ ୩ ରୁ ଚାରି ମାସ ହେଇ ଯିବା ବିରାଟ

ସମସ୍ୟା ର ସାମ୍ନା କରିବାକୁ ପଡୁଛି ଯାହାକି ଆଜିର ବଜାର ମୂଲ୍ୟ କୁ ଦେଖିଲେ ହୁ ହୁ ହୋଇ ବଢୁଛି ଅତ୍ୟାବଶ୍ୟକ ସାମଗ୍ରୀ ର ମୂଲ୍ୟ ବୃଦ୍ଧି ହେଉଥିବା ବେଳେ ପିଲାମାନଙ୍କ ପାଠ ପାରେ ମଧ୍ୟ ବିଭିନ୍ନ ସମସ୍ୟା ର ସାମ୍ନା କରିବାକୁ ପଡୁଛି। ଏ ପରିକି ରୋଗ ହେଲେ ଔଷଧ କିଣିବାକୁ ମଧ୍ୟ ଅସୁବିଧା ର ସମୁଖୀନ ହେବାକୁ ପଡୁଛି ଅସୁବିଧା ଏ ପରି ସ୍ତରକୁ ଆସିଗଲାଣି ସିଧାସଳଖ ପେଟରେ ଲାତ ବାଜିବାରୁ ଯାହାକୁ ନେଇ ନାହିଁ ନ ଥିବା ଅସୁବିଧା ର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ ଆଣିଛନ୍ତ ପାରାଦୀପ ବିଜୁ ମେମୋରିଆଲ ହସ୍ପିଟାଲ ରେ କାର୍ଯ୍ୟ କରୁଥିବା ଆଉଟସୋର୍ସିଙ୍ଗ କର୍ମଚାରୀ। ସାରା ରାଜ୍ୟରେ ଏହିଭଳି ସମାନ ସ୍ଥିତି ଉପୁଜିଛି। ଯାହାକୁ ନେଇ ଓଡିଶା ସରକାରୀ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘ ତରଫରୁ ଭୁବନେଶ୍ୱର ଠାରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆଜିଠାରୁ ମହାସଂଘ ର ଡାକରା ରେ ସାରା ରାଜ୍ୟର ମେଡିକାଲ ରେ କାର୍ଯ୍ୟ କରୁଥିବା ଏହି ଠିକା କର୍ମଚାରୀ ମାନେ ଦୁଇଘଣ୍ଟା କାର୍ଯ୍ୟ ରେ ଅସହଯୋଗ କରି ଶାନ୍ତିପୂର୍ଣ ଧାରଣା ପ୍ରଦର୍ଶନ କରିଛନ୍ତି। ମହାସଂଘ ର ଡାକରା ଅଛି ସମାନ କାମକୁ ସମାନ ଦରମା ଯାହା ଆମର ମୁଖ୍ୟ ଦାବି ବୋଲି କହିଛନ୍ତି ଧାରଣାରତ କର୍ମଚାରୀ ଜେ ପର୍ଯ୍ୟନ୍ତ ସରକାର ଆମର ଦାବି ମାନିନାହାନ୍ତି, ଆମକୁ ସ୍ଥାୟୀ ନିଯୁକ୍ତି ଦେଇନାହାନ୍ତି ସେ ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳପାଇଁ ଏହିଭଳି ଧାରଣା ବଳବତ୍ତର ରହିବ ବୋଲି କହିଛନ୍ତି ପାରାଦୀପ ବିଜୁ ମେମୋରିଆଲ ହସ୍ପିଟାଲ ପରିସରରେ ଧାରଣା ରେ ବସିଥିବା ସରକାରୀ ଆଉଟସୋର୍ସିଙ୍ଗ କର୍ମଚାରୀ ଯଦି ସରକାର ନ ଶୁଣନ୍ତି ତେବେ ଧାରଣାକୁ ଆହୁରି ଜୋରଦାର କରାଯିବ ବୋଲି ଚେତାବନୀ ଦେଇ କହିଛନ୍ତି ଆଉଟସୋର୍ସିଙ୍ଗ କର୍ମଚାରୀ।

କାର ଧକ୍କାରେ ୨ ମହିଳାଙ୍କ ସମେତ ଡ୍ରାଇଭର ମୃତ

ପିପିଲି, ୧୬।୩ (ନି.ପ୍ର): ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର କୌଶଲ୍ୟାଗଙ୍ଗ ସ୍ଥିତ କେଇସି କଲେଜ ସମ୍ମୁଖରେ ସୋମବାର ସକାଳେ ଏକ ସଡ଼କ ଦୁର୍ଘଟଣାରେ ୩ଜଣଙ୍କ ମୃତ ହୋଇଛି। ମର୍ଣ୍ଣିଙ୍ଗ ୱାକ କରୁଥିବା ସମୟରେ ସିଫା ସମ୍ମୁଖସ୍ଥ କଲୋନୀ ବାସିନ୍ଦା ଦୁଇ ମହିଳାଙ୍କୁ କାର ଧକ୍କା ଦେଇଥିବା ବେଳେ ସେମାନଙ୍କ ମୃତ୍ୟୁ ହେବା ସହ କାର ଡ୍ରାଇଭର ର ମୃତ୍ୟୁ ହୋଇଛି । ଦୁଇ ମହିଳା ହେଉଛନ୍ତି ଧଉଳି ଥାନା ବସନ୍ତପୁର ଶାସନ ଗ୍ରାମର ସନ୍ତୋଷ ସାହୁଙ୍କ ପତ୍ନୀ ବିବିଲତା ସାହୁ (୬୦) ଏବଂ ଯାଜପୁର ଜିଲ୍ଲା ଅର୍ଧାଳିଆ ଅଂଚଳର ଯଜାତୀକେଶରୀ ରାଉତଙ୍କ ପତ୍ନୀ ଦିପାଂଜଳି ରାଉତ(୩୮)। ଏମାନଙ୍କ ସହ କାର ଚାଳକଙ୍କ ମଧ୍ୟ ମୃତ୍ୟୁ ହୋଇଛି । ସେ ହେଉଛନ୍ତି ରାଜସ୍ଥାନ ପିଲାନୀ ଅଂଚଳର ରୋନକ(୧୯) । ସୂଚନା ଅନୁସାରେ, ମୃତ ଦୁଇ ମହିଳା

ସିଫା ସାମନା କଲୋନୀରେ ରହୁଥିବା ବେଳେ ସବୁଦିନ ପରି ଆଜି ଭୋର ପ୍ରାୟ ୫ଟା ୪୫ବେଳେ ବେଳେ ମର୍ଣ୍ଣିଙ୍ଗ୍ ୱାକରେ ବାହାରିଥିଲେ। ଜାତୀୟ ରାଜପଥରେ କେଇସି ଆଡକୁ ଚାଲିଚାଲି ଯାଉଥିବା ବେଳେ ଦୁର୍ଘଟଣା ସ୍ଥଳରେ ଦୁହିଁଙ୍କୁ ପଛପଟୁ ଦ୍ରୁତଗତିରେ ଆସୁଥିବା ଏକ କିଆ। ସେଲଟସ କାର(ନଂ ଓଡି୦୨ ବିଜି ୧୯୯୪) ପିଟିଥିଲା । ମହିଳାଙ୍କୁ ପିଟିବା ପରେ କାରଟି ରାସ୍ତା ପାଶ୍ୱର୍ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ଖୁଂଟ ସହ ଧକ୍କା ଖାଇ ନୟନଜୋରୀର ପାଣିକୁ ଚାଲିଯାଇଥିଲା। କାର ସହ ଜଣେ ମହିଳା ଘୋଷାଡି ହୋଇ ଚାଲି ଆସିଥିବାବେଳେ ବିଦ୍ୟୁତ ଖୁଂଟରେ ଧକ୍କା ସମୟରେ ଶରୀରରୁ ଗୋଡ ଛିଡି ଯାଇ ଅଲଗା ହୋଇଯାଇଥିଲା। ଘଟଣାସ୍ଥଳରେ ଦୁଇ ମହିଳା ଓ ଚାଳକଙ୍କ ମୃତ୍ୟୁ ହୋଇଥିଲା। ପିପିଲି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ପାଣି ମଧ୍ୟରେ ବୁଡି ଯାଇଥିବା କାରକୁ କ୍ରେନ ସହାୟତାରେ ଟେକି ଚାଳକଙ୍କ ମୃତଦେହ ଉଦ୍ଧାର କରିଥିଲା ଯ କାର ମଧ୍ୟରେ ଥିବା ଅନ୍ୟଜଣେ ଆହତ ହୋଇଥିଲେ । ପିପିଲି ପୁଲିସ ଘଟଣା ସ୍ଥଳରେ ପହଂଚି ମୃତଦେହ ଗୁଡିକୁ ଏବଂ ଆହତଙ୍କୁ ପୁଲିସ କ୍ୟାପିଟାଲ ହସପିଟାଲ ପଠାଇବା ସହ ଅନୁସନ୍ଧାନ ଜାରି ରଖିଛି ଯ କାର ଥାଇ ଆହତ ହୋଇଥିବା ଯାତ୍ରୀ ଓ ଚାଳକ ରୋନକ ରାଜଧାନୀର ଏକ ଉଚ୍ଚ ଶିକ୍ଷାନୁଷ୍ଠାନର ଛାତ୍ର ବୋଲି ପୋଲିସ ପ୍ରାଥମିକ ଅନୁସନ୍ଧାନରେ ସୂଚନା ପାଇଛି । କାରଟି କିପରି ଭାବେ ଏହି ଦୁଇଜଣଙ୍କ ପାଖକୁ ଆସିଥିଲା ତାହାକୁ ପୁଲିସ ତଦନ୍ତ କରୁଛି । ଦୁର୍ଘଟଣା ଘଟିବା ପରେ ପିପିଲିଥାନା ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀ ଓ ତାଙ୍କ ଟିମ୍ ପହଂଚି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ। ଦୁର୍ଘଟଣାଗ୍ରସ୍ତ କାରକୁ ପୁଲିସ ଜବତ କରିଛି ।

ଢ଼ିଙ୍କିଆରେ ଓଡିଶା ଲୋକ ଦଳର ସାଧାରଣ ସଭା

ପାରାଦ୍ୱୀପ/କୁଜଙ୍ଗ/ଏରସମା, ୧୬।୩ (ନି.ପ୍ର): ଜଗତସିଂହପୁର ଜିଲ୍ଲାର ଢ଼ିଙ୍କିଆ। ଚାରିଦେଶ ଅଞ୍ଚଳସ୍ଥ ଢ଼ିଙ୍କିଆ। ଠାରେ ଓଡିଶା ଲୋକ ଦଳ ତରଫରୁ ଏକ ସାଙ୍ଗଠନିକ ସାଧାରଣ ସଭା ରାଜ୍ୟ ସଭାପତି ସନ୍ତୋଷ ନାରାୟଣ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ମାନିତ ଅତିଥି ଭାବେ ରାଜ୍ୟ କୃଷକ ସାମୁଖ୍ୟର ସଭାପତି ସୁଶାନ୍ତ ଶେଖର ସ୍ୱାଇଁ ଓ ମୁଖ୍ୟବକ୍ତା ଭାବେ ରାଜ୍ୟ ଯୁବ-ଛାତ୍ର ସାମୁଖ୍ୟ ସଭାପତି ପ୍ରିୟବ୍ରତ ନାୟକ ଓ ରାଜ୍ୟ ଛାତ୍ର ସାମୁଖ୍ୟ ସଭାପତି ଅଭିଷେକ ଦାଶ ଯୋଗ ଦେଇ ପାରାଦ୍ୱୀପ ଅଞ୍ଚଳରେ ଯୋଉ ଭଳି ମାତ୍ରାଧିକ ଭାବେ ଶିଳ୍ପ ସଂସ୍ଥା ମୁଣ୍ଡ ଟେକି ମାରଣ ନୀତିକୁ ବ୍ରତ ଭାବେ ପାଳନ କରୁଛନ୍ତି ତାକୁ ତୀବ୍ର ନିନ୍ଦା କରିଛନ୍ତି ଓଡିଶା ଲୋକଦଳ। ଅନେକ ଉଦାହରଣ ଥିଲେ ସୁଦ୍ଧା ଜେଏସଡବ୍ଲୁ କମ୍ପାନୀ ଯେଭଳି ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟିକରି ବନ୍ୟପ୍ରାଣୀଙ୍କୁ ମାରି ଚାଲିଛି। ସେଥିପ୍ରତି ଦଳ ସାରାରାଜ୍ୟରେ ଆନ୍ଦୋଳନ କରି ଢ଼ିଙ୍କିଆ। ଚାରିଦେଶର ସାଧାରଣ ଜନତାଙ୍କୁ ନ୍ୟାୟ ପ୍ରଦାନ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଢ଼ିଙ୍କିଆ। ଚାରିଦେଶ ଅଞ୍ଚଳ ଧାନ,ପାନ,ମୀନର କୃଷିଜାତ ଅଞ୍ଚଳ ହୋଇଥିଲେ ମଧ୍ୟ ଆଜି ଅଞ୍ଚଳରେ ବେରୋଜଗାରୀ, ଦରିଦ୍ରତା,ଦୂରାରୋଗ ବ୍ୟାଧିରେ ପୀଡ଼ିତ ହୋଇ ସାଧାରଣ ଜନତା ଅକାଳ ମୃତ୍ୟୁର ଶିକାର ହେବାରେ ଲାଗିଛନ୍ତି ବୋଲି ଶ୍ରୀ ସ୍ୱାଇଁ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନସ ବର୍ଦ୍ଧନ, ଜିତେନ୍ଦ୍ର ପ୍ରସାଦ ଦାଶ, ଆଲୋକ ମଲ୍ଲିକ, ସର୍ବେଶ୍ୱର ମଲ୍ଲିକ, ଅଭୟ ମଲ୍ଲିକ, ଲିପୁ ଦାସ, ପୀତବାସ ଦାସ,ପ୍ରଶାନ୍ତ.ଦାସ,ଭଗବାନ ରଣା, ରଶ୍ମିରଂଜନ ମହାପାତ୍ର, ଅଭିଷେକ ବର୍ଦ୍ଧନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ବିପୁଳ ପରିମାଣର ଦେଶୀ ମଦ ଜବତ : ଅଭିଯୁକ୍ତ ଗିରଫ

ବଳଙ୍ଗା, ୧୬।୩ (ନି.ପ୍ର): ବଳଙ୍ଗା ପୋଲିସ ପକ୍ଷରୁ ଏହି ଥାନା ଅନ୍ତର୍ଗତ ଭୀମ ବଜାର ଛକରେ ଚଢଉ କରାଯାଇ ବିପୁଳ ପରିମାଣର ଦେଶୀ ମଦ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି । ଅଭିଯୁକ୍ତ ଜଣଙ୍କ ନାଲିହଣା ଗ୍ରାମର ରାମଚନ୍ଦ୍ର ବେହେରା ବୋଲି ପୋଲିସ ସୂଚନା ଦେଇଛି। ସୂଚନା ମୁତାବକ ଅଭିଯୁକ୍ତ ରାମଚନ୍ଦ୍ର ରବିବାର ସଂନ୍ଧ୍ୟାରେ ବିପୁଳ ପରିମାଣର ଦେଶୀ ମଦ ରଖି ଚୋରା କାରବାର କରୁଥିବା ନେଇ ବଳଙ୍ଗା ଥାନା ଆଇ.ଆଇ.ସି ସସ୍ମିତା ସାହୁଙ୍କୁ ସୂଚନା ମିଳିଥିଲା । ସୂଚନା ଆଧାରରେ ଥାନା ଏସ.ଆଇ. ଶୁଭଲକ୍ଷ୍ମୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଘଟଣା ସ୍ଥଳରେ ଚଢଉ କରି ଅଭିଯୁକ୍ତକୁ ଗିରଫ କରି ତା ନିକଟରୁ ୧୦ ପେଟି ଦେଶୀ ମଦକୁ ଜବତ କରିଥିଲେ । ଏ ନେଇ ଥାନାରେ ଏକ ଅବକାରୀ ମାମଲା ରୁଜୁ କରାଯାଇଥିବା ବେଳେ ଅଭିଯୁକ୍ତ ରାମଚନ୍ଦ୍ରକୁ ସୋମବାର ଦିନ କୋର୍ଟ ଚାଲାଣ କରାଯାଇଛି। ସୂଚନା ଯୋଗ୍ୟ ବିଗତ କିଛି ଦିନହେଲା ବଳଙ୍ଗା ଥାନା ଅଞ୍ଚଳରେ ପୋଲିସ ପକ୍ଷରୁ ବ୍ୟାପକ ପରିମାଣର ବେଆଇନ ଦେଶୀଓବିଦେଶୀ ଜବତ ପରିପେକ୍ଷାରେ ଏହି ଅଞ୍ଚଳ ଏବେ ଚୋରା ମଦ କାରବାରକାରୀଙ୍କ ଅଭୟାରଣ ପାଲଟିଥିବା ସାଧାରଣରେ ଅଭିଯୋଗ

ହେଉଛି। ଯାହାଫଳରେ ସାମାଜିକ ଜୀବନ ଓ ପରିବାର ଅଶାନ୍ତିମୟ ହୋଇପଡୁଥିବା ବେଳେ ତୁରନ୍ତ ଏହି କାରବାରକାରୀ ମାନଙ୍କୁ ଦୃଢହସ୍ତରେ ଦମନ ପାଇଁ ସାଧାରଣରେ ଦାବି ହେଉଛି।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର, ୧୬।୩ (ନି.ପ୍ର): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିର ରେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଆଜି ମୋଟ ୯୯ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୮୫ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୪ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୯ ଟି, ଆବାସ ଯୋଜନା ସମ୍ପର୍କୀୟ ୭ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୨୩ ଟି,

ଭତ୍ତା ପାଇବା ପାଇଁ ୫ ଟି, ପୋଲିସ ସହାୟତା ପାଇବା ପାଇଁ ୬ ଟି, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା ପାଇଁ ୧ ଟି ଏବଂ ଅନ୍ୟାନ୍ୟ ୧୮ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୬ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ରବିନାରାୟଣ ଜେଠୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଜୀଙ୍କ୍ୟା ମାଣେ, ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ବ୍ଲକ୍ ଉନ୍ନୟନ ଅଧିକାରୀ, ଜଗତସିଂହପୁର, ଶ୍ରୀ ଆଶୁତୋଷ ମିଶ୍ର, ତହସିଲଦାର, ଜଗତସିଂହପୁର, ଶ୍ରୀ ଅଜୟ କୁମାର ମହାନ୍ତି, ନିର୍ବାହୀ ଅଧିକାରୀ ଜଗତସିଂହପୁର ପୌର ପରିଷଦ ଶ୍ରୀମତୀ ସୀମା ଜେନା,ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ।

ବୁଗୁଡ଼ା ଥାନାରେ ଅଧିକାରୀ ମରୁଡି : ବିଗୁଡୁଛି ଆଇନ ଶୃଙ୍ଖଳା ପରିସ୍ଥିତି

ବୁଗୁଡ଼ା, ୧୬/୦୩ (ନି.ପ୍ର) : ବୁଗୁଡ଼ା ଥାନା ଅଧୀନରେ ବୁଗୁଡ଼ା ଏନ୍ଏସି ଓ ବ୍ଲକର ୨୧ ପଞ୍ଚାୟତ ସମେତ ଆସ୍କା ବ୍ଲକର ଗହଙ୍ଗୁ ଠାରୁ ଜଗନ୍ନାଥପ୍ରସାଦ ବ୍ଲକର ନିମପଦର ଏବଂ ନୟାଗଡ ରାସ୍ତାରେ କରସିଂର ଚୈତନ୍ୟ ପ୍ରସାଦ ପର୍ଯ୍ୟନ୍ତ ୫୦୩ ବର୍ଗ କିଲୋମିଟର ପରିବ୍ୟାପ୍ତ ଅଞ୍ଚଳ ଥିବାବେଳେ ଏହି ଥାନା ଉପରେ ଅଢେଇ ଲକ୍ଷରୁ ଉର୍ଦ୍ଧ୍ୱ ଜନସାଧାରଣ ନିର୍ଭର କରୁଛନ୍ତି । ତେବେ ବୁଗୁଡା ଥାନା ଇଲାକାରେ ଅଧିକାରୀଙ୍କ ମରୁଡି ଯୋଗୁଁ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡୁଛି । ଗତବର୍ଷ ବୁଗୁଡ଼ା ଥାନାରେ ୮୩୨ଟି ମାମଲା ରୁଜୁହୋଇଥିବା ବେଳେ ଚଳିତ ବର୍ଷ ମାର୍ଚ୍ଚ ୧୬ ତାରିଖ ସୁଦ୍ଧା ୧୨୧ଟି ମାମଲା ପଞ୍ଜିକୃତ ହୋଇ ସାରିଲାଣି । ଏତେ ବଡ଼ ଇଲାକାର ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ବୁଗୁଡ଼ା ସହରରେ ଏକ ଥାନା ସାଙ୍ଗକୁ ବାଲିପଦରଠାରେ ଏକ ପୋଲିସ ଫାଣ୍ଡି ପ୍ରତିଷ୍ଠା ହୋଇଛି। ତେବେ ଥାନା ଓ ଫାଣ୍ଡିରେ କର୍ମଚାରୀ ମରୁଡି ଯୋଗୁଁ ଲୋକଙ୍କୁ ନ୍ୟାୟ ମିଳିବାରେ ଅହେତୁକ ବିଳମ୍ବ ହେଉଥିବାର ଅଭିଯୋଗ ହେଉଛି

। ଏହି ଅଞ୍ଚଳ ଦେଇ ୩୩ ନମ୍ବର ରାଜ୍ୟରାଜପଥ ଯାଇଥିବା ବେଳେ ଦିନକୁ ଦିନ ଚୋରି ରାହାଜାନି ବୃଦ୍ଧି ଘଟୁଛି। ଆବଶ୍ୟକୀୟ ଅଧିକାରୀ ଅଭାବରୁ ପାଟ୍ରୋଲିଂ ବ୍ୟବସ୍ଥା ଠିକ୍ ଭାବରେ ହୋଇପାରୁନି। ବୁଗୁଡ଼ା ଥାନାରେ ଜଣେ ଅତିରିକ୍ତ ଆଇଆଇସିଙ୍କ ସମେତ ୩ ଜଣ ସବଇନ୍ସପେକ୍ଟର, ଜଣେ ଏଏସଆଇ, ଜଣେ ହାବିଲଦାର, ୩ଟି ପୋଲିସ କନଷ୍ଟେବଲ ଓ ୩ଟି ଓଏପିଏଫ କନଷ୍ଟେବଲ ମିଶାଇ ମୋଟ ୧୨ଟି ପଦବୀ ଖାଲି ପଡ଼ିଥିବାବେଳେ ବାଲିପଦର ଫାଣ୍ଡିରେ ଜଣେ ଏଏସଆଇ, ଜଣେ ହାବିଲଦାର ଓ ୨ଟି କନଷ୍ଟେବଲ ପଦବୀ ଖାଲି ପଡିଛି। ଦୀର୍ଘ ଦିନ ହେଲା ଏହି ସବୁ ପଦବୀ ଖାଲି ପଡିଥିବାରୁ ତଦନ୍ତ ଆଶାନୁରୂପ ଆଗେଇ ପାରୁନଥିବା ବେଳେ ଯଥା ସମୟରେ ଲୋକଙ୍କୁ ନ୍ୟାୟ ମିଳୁନଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି । ଏଣୁ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ବୁଗୁଡା ଥାନା ଇଲାକାରେ ଦେଖା ଦେଇଥିବା ଅଧିକାରୀ ମରୁଡିର ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

ଆଧ୍ୟାତ୍ମିକ ପରିବେଶରେ ଅଯୋଧ୍ୟାପୁର ମହାଯଜ୍ଞ ସମାପିତ

ଜଗତସିଂହପୁର, ୧୬/୩ (ନି.ପ୍ର): ରଘୁନାଥପୁର ବ୍ଲକ ଅଯୋଧ୍ୟାପୁର ଗ୍ରାମରେ ରାମମନ୍ଦିର ନିକଟସ୍ଥ ଦଶହରା ପଡ଼ିଆ ରେ ଗତ ନଅ ଦିନ ଧରି ଅନୁଷ୍ଠିତ ହୋଇ ଆସୁଥିବା ମହାଯଜ୍ଞ ସମାପିତ ହୋଇଯାଇଛି। ଗ୍ରାମ ମଧ୍ୟରେ ଥିବା ସମସ୍ତ ତିକ୍ତତାକୁ ଭୁଲି ସମସ୍ତ ଗ୍ରାମବାସୀ ମାନେ ଏହି କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ଏହାକୁ ଅତ୍ୟନ୍ତ ସରସ ସୁନ୍ଦର କରିଥିବା ଅଂଚଳରେ ଆଲୋଚନାର ବିଷୟ ପାଲଟିଛି। ରଘୁନାଥପୁର ସରପଞ୍ଚ ସୁଚିତ୍ରା ପଣ୍ଡାଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ପଣ୍ଡାଙ୍କ ଉଦ୍ୟମରେ ସମସ୍ତ ଗ୍ରାମବାସୀ ମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଏକ ଆଧ୍ୟାତ୍ମିକ ମାହୋଲରେ ପରିଣତ କରିଥିଲେ। ଏଥି ଉପଲକ୍ଷେ ଗତ ଶନିବାର ଦିନ ଅନୁଷ୍ଠିତ ରାବଣପୋଡ଼ି ଉତ୍ସବରେ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ଚନ୍ଦ୍ରକାନ୍ତ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚନ୍ଦନ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ଲିଙ୍ଗରାଜ ପତି,ରୁଦ୍ର ନାରାୟଣ ପଣ୍ଡା,ରବି ନାରାୟଣ ତା, ଭ୍ରମରବର ସେଠି,ବିଜୟ କୁମାର ସାହୁ, ବୈଷ୍ଣବ ସାହାଣୀ,ବିଜୟ ପରିଡ଼ା ପ୍ରମୁଖ ସାମିଲ ହୋଇ କାର୍ଯ୍ୟ କ୍ରମକୁ ସୁଚାରୁରୂପେ ସମ୍ପାଦନା କରିଥିଲେ।

ନାମ୍ପୋ ଗ୍ରାମର ପଶ୍ଚିମପଲ୍ଲୀ ରାଉଳସାହିକୁ ନାହିଁ ରାସ୍ତା

୧୦ ରୁ ଉର୍ଦ୍ଧ୍ୱ ପରିବାର ଭୋଗୁଛନ୍ତି ଦୁଃଖ ଦୁର୍ଦ୍ଦଶା

ଜଳେଶ୍ୱର, ୧୬/୩(ନି.ପ୍ର): ସ୍ୱାଧୀନତାର ୭୮ ବର୍ଷ ବିତଯାଇଥିଲେ ମଧ୍ୟ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍ପୋ ଗ୍ରାମର ପଶ୍ଚିମପଲ୍ଲୀ ରାଉଳସାହିକୁ ରାସ୍ତା ନ ଥିବାରୁ ୧୦ ରୁ ଉର୍ଦ୍ଧ୍ୱ ପରିବାର ନାହିଁ ନ ଥିବା ଦୁଃଖ ଦୁର୍ଦ୍ଦଶା ଭୋଗୁଛନ୍ତି। ସେଥିପାଇଁ ଲୋକ ପ୍ରତିନିଧି ମାନଙ୍କ ଆନ୍ତରିକତାର ଅଭାବ ମଧ୍ୟ ପରିଲକ୍ଷିତ ହେଉଛି। ସୂଚନା ଅନୁଯାୟୀ ନାମ୍ପୋ ଗ୍ରାମର ୫ ନଂ ୱାର୍ଡ ଅନ୍ତର୍

ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ

ବଲାଙ୍ଗିର, ୧୬।୩(ନି.ପ୍ର.): ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଆଜି ପଞ୍ଚାୟତ ସମିତି ବୈଠକ ଗୃହ, ପାଟଣାଗଡ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଗୌରବ୍ୱ ଶିବ୍ୱାଜୀ ଇସଲବ୍ୱାର ଏବଂ ଆରକ୍ଷୀ ଅଧିକ୍ଷକ ଅଭିଳାଷ ଜି ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣିବା ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଦାଖଲ ହୋଇଥିବା ଅଭିଯୋଗ ପତ୍ରଗୁଡ଼ିକ ଯଥା ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆଜିର ଏହି ଶିବିରରେ ମୋଟ ୫୧ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା । ତନ୍ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୪୮ଟି ଏବଂ ସାମୁହିକ ୦୩ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥିରୁ ୦୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା ।ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ପାଟଣାଗଡ ଉପଜିଲ୍ଲାପାଳ ସୁନୀଲ କୁମାର ମେହେରଙ୍କ ସମେତ ଜିଲ୍ଲା, ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

ଏନଆଇଏନଏଲ୍ ସମ୍ପ୍ରସାରଣ : ଇସ୍ପାତ ଶିଳ୍ପକ୍ଷେତ୍ରରେ କଳିଙ୍ଗନଗର ଶିଳ୍ପାଞ୍ଚଳ ଆଗେଇଲା ଆଦେ ପାଦେ

ଭାରତ ସରକାରଙ୍କ ପକ୍ଷରୁ କଳିଙ୍ଗନଗର ସ୍ଥିତ ନୀଳାଚଳ ଇସ୍ପାତର ସମ୍ପ୍ରସାରଣକୁ ମିଳିଲା ପରିବେଶ ମଞ୍ଜୁରୀ

୪.୮ ନିୟୁତ ଟନକୁ ବଢିବ ଉତ୍ପାଦନ କ୍ଷମତା, ଅନ୍ତର୍ଭୁକ୍ତିକାରୀ ବିକାଶର ସୁଯୋଗ

କଳିଙ୍ଗନଗର, ୧୬।୩(ନି.ପ୍ର.): ଓଡ଼ିଶାର ଇସ୍ପାତ ଶିଳ୍ପ ଜଗତରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହେବାକୁ ଯାଉଛି। ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ୍) ଏହାର ବାର୍ଷିକ ଉତ୍ପାଦନ କ୍ଷମତାକୁ ବର୍ତ୍ତମାନର ୧ ଏମଟିପିଏ (ମିଲିୟନ ଟନ)ରୁ ୪.୮ ଏମଟିପିଏ କୁ ବୃଦ୍ଧି କରିବା ପାଇଁ ତାର ପ୍ରଥମ ପର୍ଯ୍ୟାୟ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛି।

ଏଥିପାଇଁ କମ୍ପାନୀ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟରୁ ପରିବେଶ ମଞ୍ଜୁରୀ ପ୍ରାପ୍ତ କରିଛିୟ ଜୁଲାଇ ୨୦୨୨ରେ ଟାଟା ଷ୍ଟିଲ୍ ଦ୍ୱାରା ଅଧିଗ୍ରହଣ ହେବା ପରଠାରୁ, ଏହି ପ୍ଲାଣ୍ଟ ମାତ୍ର ୧୦୦ ଦିନ ମଧ୍ୟରେ ପୁନଃ କାର୍ଯ୍ୟକ୍ଷମ ହୋଇ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଏହାର ପୂର୍ଣ୍ଣ ଉତ୍ପାଦନ କ୍ଷମତା ହାସଲ କରି ସଫଳତାର ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି।

ଏହି ସମ୍ପ୍ରସାରଣ ଯୋଜନାରେ ଏକ ସମ୍ପୂର୍ଣ୍ଣ ସମନ୍ୱିତ ଇସ୍ପାତ ଉତ୍ପାଦନ ବ୍ୟବସ୍ଥା ନିର୍ମାଣ କରାଯିବୟ ଏଥିରେ କୋକ୍ ଓଭନ୍ ଏବଂ ବାଏ-ପ୍ରଡକ୍ଟ ପ୍ଲାଣ୍ଟ, ସିଣ୍ଟର୍ ପ୍ଲାଣ୍ଟ, ଏକ ନୂତନ ବ୍ଲାଷ୍ଟ ଫର୍ଣ୍ଣେସ୍, ରିବାର୍ ମିଲ୍, କଏଲ୍ ମିଲ୍ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଏକ ୱାୟାର୍ ରଡ୍ ମିଲ୍ ଅନ୍ତର୍ଭୁକ୍ତ ରହିଛିୟ ଏହା ବ୍ୟତୀତ ଡିସଲଫ୍ୟୁରାଇଜେସନ୍ ୟୁନିଟ୍, ଲାଇମ୍ କ୍ୟାଲସିନେସନ୍ ପ୍ଲାଣ୍ଟ ଏବଂ କାରଖାନା ପାଇଁ ଏକ ସ୍ୱତନ୍ତ୍ର ବିଦ୍ୟୁତ ପ୍ରକଳ୍ପ ମଧ୍ୟ ସ୍ଥାପନ କରିବ।

ଉତ୍ପାଦନ ଦକ୍ଷତା ବୃଦ୍ଧି ସହ ପରିବେଶ ରକ୍ଷା ପାଇଁ କମ୍ପାନୀ ଅତ୍ୟାଧୁନିକ ବୈଜ୍ଞାନିକ ଜ୍ଞାନକୌଶଳ ବ୍ୟବହାର କରିବୟ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଇଲେକ୍ଟ୍ରୋଷ୍ଟାଟିକ୍ ପ୍ରେସିପିଟେଟର୍ସ, ସାଇକ୍ଲୋନ୍ ସେପାରେଟର୍ସ, ଡ୍ରାଏ-ଫଗ୍ ସିଷ୍ଟମ୍, ବ୍ୟାଗ୍ ଫିଲ୍ଟର୍ ଏବଂ ଯାନ୍ତ୍ରିକ ଜଳ ସିଞ୍ଚନ ଭଳି ଉନ୍ନତ ପ୍ରଦୂଷଣ ନିରୋଧକ ବ୍ୟବସ୍ଥା ଗ୍ରହଣ କରିବ।

ଏହି ସମ୍ପ୍ରସାରଣ କଳିଙ୍ଗନଗର ସ୍ଥାନୀୟ ଅଞ୍ଚଳର ସାମଗ୍ରିକ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିବୟ ଏହା ଦ୍ୱାରା ଅନୁଷଙ୍ଗିକ ଶିଳ୍ପ, ସେବା ପ୍ରଦାନକାରୀ ସଂସ୍ଥା ଏବଂ ପରିବହନ କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟ ହେବ। ଏହା ସ୍ଥାନୀୟ ଅର୍ଥନୀତିକୁ ଜାତୀୟ ତଥା ବିଶ୍ୱସ୍ତରୀୟ ଇସ୍ପାତ ବଜାର ସହ ଯୋଡ଼ିବ। ଦ୍ୱିତୀୟ ପର୍ଯ୍ୟାୟରେ କମ୍ପାନୀ ଏହାର ଉତ୍ପାଦନ କ୍ଷମତାକୁ ୯.୫ ଏମଟିପିଏ କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି, ଯାହା ଏହି ଅଞ୍ଚଳ ପାଇଁ ଅଧିକ ଆର୍ଥିକ ସୁଯୋଗ ଆଣିଦେବ।

ଓଡିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଆଜି ନୂଆ ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି।

ଲାଞ୍ଚ ନେଇ ଧରା ପଡ଼ିଲେ ଆକାଉଣ୍ଟାଣ୍ଟ୍

ସମ୍ବଲପୁର, ୧୬।୩(ନି.ପ୍ର.): ଲାଞ୍ଚ ନେଉଥିବାବେଳେ ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳର ଆକାଉଣ୍ଟାଣ୍ଟଙ୍କୁ ଧରିଛି ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ସେ ହେଲେ ବରଗଡ଼ ଜିଲ୍ଲା ବରପାଲି ବିଇଓ କାର୍ଯ୍ୟାଳର କନିଷ୍ଠ କିରାଣୀ ତଥା ଆକାଉଣ୍ଟାଣ୍ଟ୍ ରଜନୀକାନ୍ତ କର ଭିଜିଲାନ୍ସ ଟିମ୍ ତାଙ୍କ ନିକଟରୁ ଲାଞ୍ଚ ନେଇଥିବା ୬୦୦୦ ହଜାର ନଗଦ ରାଶି ଜବତ କରିଛି।

ଜଣେ ବ୍ୟକ୍ତି ତାଙ୍କର ବକୋ ଦରମା ଉଠାଇବାକୁ ବରବାଲି ବିଇଓ କାର୍ଯ୍ୟାଳକୁ ଆସିଥିଲେ ମାତ୍ର ଟଙ୍କା ଉଠାଣ ପାଇଁ ଯେଉଁ ପ୍ରକ୍ରିୟା ଆବଶ୍ୟକ କନିଷ୍ଠ କିରାଣୀ ରଜନୀକାନ୍ତ କର ତାହା କରୁନଥିଲେ ଏହା ପରିବର୍ତ୍ତେ ତାଙ୍କୁ ୬୦୦୦ ଟଙ୍କା ଲାଞ୍ଚ ମାଗିଥିଲେ ଉକ୍ତ ବ୍ୟକ୍ତି ଜଣକ ଏ ନେଇ ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ ଏହା ପରେ ଭିଜିଲାନ୍ସ ଅଧିକାରୀଙ୍କ ଆକାଉଣ୍ଟାଣ୍ଟଙ୍କୁ ଧରିବାକୁ ଜାଲ ବିଛାଇଥିଲେ ।

ପୂର୍ବ ଯୋଜନା ମୁତାବକ ଅଭିଯୋଗକାରୀ ଆଜି ଲାଞ୍ଚ ଦେଉଥିବାବେଳେ ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସ ଅଧିକାରୀ ଆକାଣ୍ଟାଣ୍ଟ୍ ଶ୍ରୀ କରଙ୍କୁ ମାଡ଼ି ବସିଥିଲେ । ତାଙ୍କ ନିକଟରୁ ଉକ୍ତ ଟଙ୍କା ଜବତ କରାଯାଇଛି ତାଙ୍କର ଦୁଇଟି ଠିକଣାରେ ଚଢ଼ଉ କରାଯାଉଛି । ତାଙ୍କ ବିରୁଦ୍ଧରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ମାମଲା ରୁଜୁ ହୋଇଛି ।

ଏସ୍‌ସିବି ଟ୍ରାଜେଡି : ରାଷ୍ଟ୍ରପତିଙ୍କ ଶୋକ, ସହାୟତା ଘୋଷଣା କଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୧୬/୦୩ : କଟକ ବଡ଼ ମେଡିକାଲ ଟ୍ରାଜେଡିୟ ଏସସିବି ମେଡିକାଲରେ ଅଗ୍ନିକାଣ୍ଡ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶୋକୟ ଚଗଘଜରରୁ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କଲେ ପ୍ରଧାନମନ୍ତ୍ରୀୟ ଏହା ସହ ଆହତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ।

ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି ରାଷ୍ଟ୍ରପତି ଲେଖିଛନ୍ତି ଯେ, କଟକର ଏକ ହସ୍ପିଟାଲରେ ଘଟିଥିବା ଦୁଃଖଦ ଅଗ୍ନିକାଣ୍ଡ ଘଟଣାରେ ଜୀବନହାନୀରେ ଗଭୀର ମର୍ମାହତୟ ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନାୟ ଏହା ସହ ସେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଟ୍ୱିଟ୍ କରି ଲେଖିଛନ୍ତି ଯେ, ଓଡ଼ିଶାର କଟକର ଏକ ହସ୍ପିଟାଲରେ ଘଟିଥିବା ଦୁର୍ଘଟଣା ଅତ୍ୟନ୍ତ ଯନ୍ତ୍ରଣାଦାୟକୟ ଯେଉଁମାନେ ନିଜ ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ପ୍ରତି ସମବେଦନାୟ ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ମୁଁ ପ୍ରାର୍ଥନା କରୁଛି। ଅନ୍ୟପଟେ ରାଜ୍ୟ ସରକାର ମଧ୍ୟ ଘଟଣାକୁ ଗୁରୁତ୍ୱ ଦେଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅଗ୍ନିକାଣ୍ଡ କିପରି ଘଟିଲା ଏବଂ ସୁରକ୍ଷା ବ୍ୟବସ୍ଥାରେ କୌଣସି ତ୍ରୁଟି ଥିଲା କି ନାହିଁ, ସେନେଇ ସମ୍ପୂର୍ଣ୍ଣ ତଦନ୍ତ କରାଯିବ ବୋଲି ସରକାରୀ ସୂତ୍ରରୁ ସୂଚନା ମିଳିଛିୟ ଘଟଣା ପରେ ହସ୍ପିଟାଲରେ ର୍ଭ ଥିବା ରୋଗୀମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଆହତମାନଙ୍କୁ ଚିକିତ୍ସା ଯୋଗାଇ ଦିଆଯାଉଛିୟ ଚିକିତ୍ସାଳୟରେ ଏପରି ଘଟଣା ଘଟିଥିବାରୁ ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇୟ ତଦନ୍ତ ରିପୋର୍ଟ ପରେ ଘଟଣାର ସଠିକ କାରଣ ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି।

ଇତିହାସରୁ ଶିକ୍ଷା ନେଇ 'ବିକଶିତ ଓଡ଼ିଶା' ଓ ବିକଶିତ ଭାରତ ଗଢିବା : ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର, ୧୬।୩(ନି.ପ୍ର.); ଅତୀତର ଗୌରବମୟ ଇତିହାସ ହିଁ ଭବିଷ୍ୟତର ସମୃଦ୍ଧି ପାଇଁ ଶ୍ରେଷ୍ଠ ମାର୍ଗଦର୍ଶକ ।ଇତିହାସର ଦର୍ପଣରେ ଆମର ସଭ୍ୟତା ଓ ସଂସ୍କୃତିକୁ ବୁଝି 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ' ଗଠନ ପାଇଁ ଏକ ନୂତନ ପଥ ପ୍ରସ୍ତୁତ କରିବା ଆଜିର ସମୟର ଆହ୍ୱାନ ।ରବିବାର ସମ୍ବଲପୁରରେ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ ଦ୍ୱାରା ଆୟୋଜିତ ପ୍ରାନ୍ତୀୟ ଅଧିବେଶନ ଶିଖର-୨୦୨୬ ରେ ଯୋଗଦେଇ ଏହିପରି ଏକ ପ୍ରେରଣାଦାୟୀ ବାର୍ତ୍ତା ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଭାରତର ପ୍ରାଚୀନ ସଭ୍ୟତା ଠାରୁ ଆରମ୍ଭ କରି ୨୦୪୭ର ବିକଶିତ ଭାରତର ସଂକଳ୍ପ ପର୍ଯ୍ୟନ୍ତ, ମାରୱାଡ଼ି ସମାଜର ଭୂମିକା ଓ ଓଡ଼ିଶାର ଅର୍ଥନୈତିକ ପ୍ରଗତିକୁ ନେଇ ସେ ଏକ ଦୂରଦୃଷ୍ଟିସମ୍ପନ୍ନ ରୋଡମ୍ୟାପ୍ ଉପସ୍ଥାପନ କରିଛନ୍ତି ।ଶ୍ରୀ ପ୍ରଧାନ କହିଛନ୍ତି ଯେ, ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନର ଏହି ଅଧିବେଶନ କେବଳ ଏକ ସଭା ନୁହେଁ, ବରଂ ଏହା ଏକ ଏକତା, ସଂକଳ୍ପ ଏବଂ ଭବିଷ୍ୟତ ପାଇଁ

ଏକ ନୂତନ ଦିଗଦର୍ଶନର ମଞ୍ଚ ।ଭାରତ ଆଜି ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ହୋଇଥିବା ବେଳେ ଏହି ସଫଳତାରେ ସବୁ ନାଗରିକଙ୍କ ସହ ମାରୱାଡ଼ି ସମାଜର ବିଶେଷ ଅବଦାନ ଓ ଦାୟିତ୍ୱ ରହିଛି ।ସେହିପରି ଭାରତୀୟ ସଂସ୍କୃତି, ପରମ୍ପରା ଓ ସଭ୍ୟତାକୁ ଆଗେଇ ନେବାରେ ମାରୱାଡି ସମାଜର ଯଥେଷ୍ଟ ଅବଦାନ ରହିଛି ।ଅତୀତରେ ସୋମନାଥ ମନ୍ଦିର ଉପରେ ଆକ୍ରମଣ ଓ ଗୁଲାମୀ କାରଣରୁ ଆମେ ଆମର ଅନେକ ଗୌରବମୟ ଇତିହାସ ଭୁଲିଯାଇଥିଲେ ।ମାତ୍ର ବର୍ତ୍ତମାନ ଇତିହାସର ଦର୍ପଣରେ ଭବିଷ୍ୟତ ପାଇଁ ମାର୍ଗ ପ୍ରସ୍ତୁତ କରିବାର ସମୟ ଆସିଛି ।

ବର୍ତ୍ତମାନ ଆମେ ଏପରି ଏକ ସମୟରେ ଉପନୀତ ହୋଇଛେ, ଯେଉଁଠି ଆମର ଲକ୍ଷ୍ୟ ହୋଇଛି ୨୦୩୬ ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ କରିବା ସହ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ଦାୟିତ୍ୱ ନେବାକୁ ହେବ ।ବିକଶିତ ଭାରତର ସ୍ୱପ୍ନ ବିକଶିତ ଓଡ଼ିଶା ବିନା ପୂରଣ ହୋଇପାରିବ ନାହିଁ ।ବିକଶିତ ଭାରତ ଗଠନ କରିବାକୁ ହେଲେ ପ୍ରଥମେ ଓଡ଼ିଶାର ୫୦ ହଜାରରୁ ଅଧିକ ଥିବା ଗାଁକୁ ବିକଶିତ କରିବାକୁ ହେବ । ଯଦି ସମାଜର ଇଞ୍ଜିନ ଅର୍ଥାତ୍ ନେତୃତ୍ୱ ଓ ଅର୍ଥନୀତି ଶକ୍ତିଶାଳୀ ହୁଏ, ତେବେ ବିକାଶର ଗତି ଦ୍ରୁତ ହେବ ।ତେଣୁ ଏ ଦିଗରେ ମାରୱାଡି ସମାଜ ମଧ୍ୟ ରେଳଡବାର ଇଞ୍ଜିନ ବୃହତ୍ତର ଦାୟିତ୍ୱ ନେବା ଆବଶ୍ୟକ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ, ସମ୍ବଲପୁରରେ ଅନେକ ସମ୍ଭାବନା ରହିଛି, ତେଣୁ ଏହାକୁ ଏକ 'ଏଜୁକେସନ ହବ୍' ଓ 'ଇକୋନୋମିକ ଜୋନ୍' ଭାବେ ଗଢ଼ିତୋଳିବା ପାଇଁ ସମସ୍ତଙ୍କର ସାମୂହିକ ଆବଶ୍ୟକତା ରହିଛି ।ସେହିପରି ସେ କହିଥିଲେ, ଭାରତର ପ୍ରକୃତ ପୁଞ୍ଜି ହେଉଛି 'ଜ୍ଞାନ' ।ପାଠପଢାକୁ ଗୁରୁତ୍ୱ ଦେଲେ ହିଁ ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆସିପାରିବ । ଏହି ଅବସରରେ ଶ୍ରୀ ପ୍ରଧାନ ମାରୱାଡି ସମାଜକୁ ପରିବେଶ ସୁରକ୍ଷା ପାଇଁ ଗଛ ଲଗାଇବା ସହ ମାତୃଭାଷାକୁ ପ୍ରୋତ୍ସାହନ ଦେବା ଏବଂ ବିଶେଷ ପର୍ବ ପର୍ବାଣୀ ବା ଦିନମାନଙ୍କର ଅଙ୍ଗନବାଡ଼ି ଭଳି ଛୋଟ ଛୋଟ ପିଲାମାନଙ୍କୁ ଫଳ ଓ ପୋଷଣଯୁକ୍ତ ଖାଦ୍ୟ ବିତରଣ କରିବା ଏବଂ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଖାଦ୍ୟରେ ତେଲର ବ୍ୟବହାର ହ୍ରାସ କରି ସୁସ୍ଥ ରହିବା ପାଇଁ ପରାମର୍ଶ ଦେଇଛନ୍ତି।

ସିବିଆଇ ଅଧିକାରୀ କହି କୋଟିଏ ଟଙ୍କାର ସୁନା ଲୁଟ : ୩ ଆନ୍ତଃରାଜ୍ୟ ଲୁଟେରା ଗିରଫ

ଭୁବନେଶ୍ୱର, ୧୬।୩(ନି.ପ୍ର.): ନକଲି ସିବିଆଇ ଅଧିକାରୀ କହି କୋଟିଏ ଟଙ୍କାର ସୁନା ଲୁଟ। ୩ ଆନ୍ତଃରାଜ୍ୟ ଲୁଟେରା ଗିରଫ। ଏଭଳି ଘଟଣା ଦେଖିବାକୁ ମିଳିଛି ବ୍ରହ୍ମପୁର ରେଳ ଷ୍ଟେସନ ଅଳରେୟ ଅଭିଯୁକ୍ତଙ୍କ ନିକଟରୁ ୧୪ ଲକ୍ଷ ୮୦ ହଜାର ଟଙ୍କାର ସୁନା ଅଳଙ୍କାର ମଧ୍ୟ ଜବତ ହୋଇଛି । ଗିରଫ ଅଭିଯୁକ୍ତମାନେ ହେଲେ ରାଜସ୍ଥାନ ବାଲୋତ୍ରାର ନରେନ୍ଦ୍ର କୁମାର ଓରଫ ପ୍ରଜାପତି (୨୪), ପୁନମ ଚନ୍ଦ (୫୫) ଓ ପାଲି ଅଳର ଜିତୁ ଚୌଧୁରୀ(୨୮) । ଏହି ମାମଲାରେ ଆହୁରି ୫ ଜଣ ଅଭିଯୁକ୍ତ ଫେରାର ଅଛନ୍ତି ବୋଲି ଜିଆରପି ଏସଡିଆରପିଓ ଜଗନ୍ନାଥ ମାଲିକ ଏକ ସାମ୍ବାଦିକ ସମ୍ମିଳନୀର ସୂଚନା ଦେଇଛନ୍ତି। ଗତ ଫେବୃଆରୀ ୨୫ ତାରିଖ ରାତି ପ୍ରାୟ ସାଢ଼େ ୯ ଟା ବେଳେ ବିଶାଖାପାଟଣାର ସୁନା ବ୍ୟବସାୟୀ ହସମୁଖ ଜୈନ ଏବଂ ତାଙ୍କର ଜଣେ ସହଯୋଗୀ କୋଣାର୍କ ଏକ୍ସପ୍ରେସରୁ ବ୍ରହ୍ମପୁର ଷ୍ଟେସନରେ ଓହ୍ଲାଇଥିଲେ। ବାଇକ୍ ପାର୍କିଂ ନିକଟକୁ ଯାଉଥିବା ସମୟରେ ଦୁଇଜଣ ଅଜଣା ବ୍ୟକ୍ତି ନିଜକୁ ସିବିଆଇ ଅଫିସର ପରିଚୟ ଦେଇ ସେମାନଙ୍କୁ ଅଟକାଇଥିଲେ। ହସମୁଖଙ୍କ ବ୍ୟାଗ୍ ଯା କରିବା ବାହାନାରେ ସେମାନେ ବଳପୂର୍ବକ ୩୩ ପ୍ରକାରର ସୁନା ଅଳଙ୍କାର , ଦୁଇଟି ମୋବାଇଲ୍ ଫୋନ୍ ଏବଂ ଜରୁରୀ କାଗଜପତ୍ର ଥିବା ବ୍ୟାଗଟିକୁ ଲୁଟି ନେଇ ଫେରାର ହୋଇଯାଇଥିଲେ।

ଛାତ୍ର ନିବାସରେ ଗଣ୍ଡଗୋଳ

ନବରଙ୍ଗପୁର, ୧୬।୩(ନି.ପ୍ର.): ଛାତ୍ର ନିବାସ ଭିତରେ ଦୁଇ ଜଣ ଛାତ୍ର ଅନ୍ୟ ଜଣେ ଅନ୍ତେବାସୀ କୁ ଲାତ, ଗୋଇଠା ସହ ବିଧା ଚପୁଡ଼ା ମାରିବା ଭିଡିଓ ଏବେ ମୋବାଇଲ ରୁ ମୋବାଇଲ ଘୁରି ବୁଲୁଥିବା ଦେଖିବାକୁ ମିଳିଛି। ଏହି ଭିଡିଓ ର ସମ୍ପର୍କ ରେ ଖୋଜଖବର ନେବାରୁ ଜଣାପଡିଛି ଏହା ଚଳିତ ମାସ ୮ ତାରିଖ ରବିବାର ଦିନରୟ ଭିଡିଓ ଟି ନବରଙ୍ଗପୁର ଜିଲ୍ଲା ରାଇଘର ସଦର ର ସରକାରୀ ଉଚ୍ଚ ଇଂରାଜୀ ବିଦ୍ୟାଳୟ ଛାତ୍ର ନିବାସ ର ଦୁଇ ଜଣ ଅଷ୍ଟମ ଶ୍ରେଣୀ ର ଛାତ୍ର (ଖୁଦରତ ହରିଜନ ଓ ପ୍ରଶାନ୍ତ ହରିଜନ)ନବମ ଶ୍ରେଣୀ ର ଛାତ୍ର ଦୀପକ ଗଣ୍ଡ ଙ୍କୁ କୌଣସି କାରଣ ବଶତଃ ଅତି ନିର୍ଦୟ ଭାବେ ମାରିଛନ୍ତି ଯାହା ଫଳରେ ଦୀପକ ଗଣ୍ଡ ଙ୍କ ପିଠି ରେ କ୍ଷତ ସୃଷ୍ଟି ହୋଇଛିୟ ମାଡ଼ ଏତେ ମାତ୍ରାରେ ହୋଇଛି ରାଇଘର ପ୍ରଥମିକ ଚିକିତ୍ସାଳୟ କୁ ନେଇ ଚିକିତ୍ସା କରାଇବାକୁ ପଡିଥିଲାୟ ବର୍ତ୍ତମାନ ଦୀପକ ରାଇଘର ଛାତ୍ର ନିବାସ ରେ ଅଛନ୍ତିୟ ବିଦ୍ୟାଳୟ କତୃପକ୍ଷ ଆହତ ଛାତ୍ର ଙ୍କ ଚିକିତ୍ସା ପରେ ବିଦ୍ୟାଳୟ ରେ ରଖିଛନ୍ତିୟ ଛାତ୍ର ନିବାସ ମଧ୍ୟରେ ଏହି ଭଳି ମାରାପିଟ ହେବା ଛାତ୍ର ନିବାସ ର ପରିଚାଳନା ର ଦୁର୍ବଳତା କୁ ପଦାରେ ପକାଉଛି। ଏହି ସମ୍ପର୍କ ରେ ଶିକ୍ଷା ବିଭାଗ ର ଉଚ୍ଚ ଅଧିକାରୀ ଙ୍କ ପ୍ରତିକ୍ରିୟା ମିଳି ପାରି ନାହିଁ।

ରାଜଗାଙ୍ଗପୁରରେ ବିଜୁଳି ଲାଇନ୍ ବିଚ୍ଛିନ୍ନ ଯୋଗୁଁ ସାଧାରଣ ଲୋକେ ଅତିଷ୍ଠ

ରାଜଗାଙ୍ଗପୁର ,୧୬।୩(ନି.ପ୍ର.): ଟାଟା ପାୱାର ପକ୍ଷରୁ ରାଜଗାଙ୍ଗପୁର ସହର ଓ ଆଖପାଖ ଅଞ୍ଚଳରେ ଉତ୍ତମ ବିଜୁଳି ଲାଇନ୍ ସେବା ଦେବା ଉଦେଶ୍ୟରେ କାର୍ଯ୍ୟଭାର ସମ୍ଭାଳି ପରେ ଜନସାଧାରଣ ଙ୍କୁ ବିଜୁଳି ଲାଇନ୍ ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ପରିଲକ୍ଷିତ ହୋଇଛି ପ୍ରତି ଦୁଇ ତିନି ମାସରେ ବିଜୁଳି ବିଭାଗ ପକ୍ଷରୁ ମରାମତି ନାମରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଜୁଳି ଲାଇନ୍ କରାଯାଇଥାଏ

ମାତ୍ର ଘଡି କୁ ଘଡ଼ି ବିଜୁଳି ଲାଇନ୍ ବିଚ୍ଛିନ୍ନ ଓ ସାମାନ୍ୟ ଝଡ଼ ବର୍ଷା ହେବାର ସମ୍ଭାବନା ଦେଖି ବା ବର୍ଷା ଓ ପବନ ହେବା ପୂର୍ବରୁ ଏବଂ ପରେ ଘଣ୍ଟା ଘଣ୍ଟା ଧରି ବିଜୁଳି ଲାଇନ୍ ଅବ୍ୟାହତ ଯୋଗୁଁ ସାଧାରଣ ଲୋକେ ଅତିଷ୍ଠ ହୋଇପଡ଼ିଛନ୍ତି କୈଣସି କାରଣ